ଦସ୍ୟୁ ରଞ୍ଜନ
ସିରଜ

ଦସ୍ୟୁ ରଞ୍ଜନ ସିରଜ୍—୯



ମୁକ୍ତା ପ୍ରକାଶନ
ବାଙ୍କିପାଢ଼, କଟକ-୭୫୩୦୦୨

ପ୍ରଥମ ସଂସ୍କରଣ—୧୯୭୮
ଦ୍ୱିତୀୟ ସଂସ୍କରଣ—୧୯୮୨

ଦୁଇଟଙ୍କା ମାତ୍ର

ରେଖା ପ୍ରେସ
ବାଙ୍କିପାଢ଼, କଟକ-୭୫୩୦୦୨

Chhadmabeshi Ranjan

By

PRAMOD KISHORE PANDA

Rs. 2.00

ଶୀର୍ଣ୍ଣ ତନୁ ଦ୍ୱିତୀୟା ଚନ୍ଦ୍ର ଆକାଶରେ ମରି ହଜି ଗଲାଣି
ଅନେକ ବେଳୁ। ସାନ୍ଦ୍ର କୁହୁଡ଼ିର ସ୍ତୂପରେ ଘନେଇ ଗଲାଣି ଅନ୍ଧକାର।
ଏଇମାତ୍ର ଅଳ୍ପକ୍ଷଣ ହେବ ଭଲକରି ଅସରାଏ ବର୍ଷା ହୋଇ ଛାଡ଼ି
ଯାଇଛି।

ଡିସେମ୍ବର ମାସର ରାତି। ବେଶ୍ ଥଣ୍ଡାର ଆମେଜ୍। କୋହଲ
ପବନ ଘାଇଁକୁ ମଝିରେ ମଝିରେ ଅସରାଏ ବର୍ଷା ଲୋକମାନଙ୍କୁ
ଯେପରି ପଙ୍ଗୁ କରି ଦେଇଛି।

ରାତି ବାରଟା ପାଖାପାଖି ହେବ। ରାସ୍ତାଘାଟ ନିର୍ଜନ ହୋଇ
ଆସିଲାଣି। ଏଇ ପ୍ରବଳ ଶୀତରେ କେହି ହେଲେ ବାହାରକୁ
ବାହାରିବା ଲାଗି ନାରାଜ।

କିନ୍ତୁ ଏଭଳି ଏକ ଦୁର୍ଯ୍ୟୋଗମୟ ରାତିରେ ନିର୍ଜନ ରାସ୍ତା
ଉପରେ ଏକାକୀ କୌଣସି ବ୍ୟକ୍ତିକୁ ଦେଖିଲେ ଯେ କେହି ଅବାକ୍
ହେବାର କଥା।

ଦେଖାଗଲା ଏକ ଦୀର୍ଘକାୟ ବ୍ୟକ୍ତି ନୀରବରେ ନିର୍ଜନ ରାସ୍ତା
ଉପର ଦେଇ ଦ୍ରୁତ ପଦରେ ଆଗେଇ ଚାଲିଛି ଆଗକୁ। ଦେହରେ
ତାର ଗାଢ଼ କଳା ରଙ୍ଗର ଲଙ୍ଗ୍ କୋଟ୍। ମୁଣ୍ଡର ଫେଲ୍ଟ ହ୍ୟାଟ୍
ଝୁଙ୍କି ଆସିଛି କପାଳ ଉପରକୁ। ମୁଖମଣ୍ଡଳରେ ଫ୍ରେଞ୍ଚ୍ କଟ୍ ଦାଢ଼ି।

ଅନ୍ଧକାର ମଧ୍ୟରେ ନିଜକୁ ସମ୍ପୂର୍ଣ୍ଣ ରୂପେ ମିଶାଇ ଦେଇ ଅଗେଇ ଚାଲିଛି ଲୋକଟି । ଅନ୍ୟ କେଉଁ ଆଡ଼କୁ ତାର ଦୃଷ୍ଟି ନାହିଁ । ହଠାତ୍ ଲୋକଟିର ପାଦ ଦୁଇଟି ଅଟକିଗଲା । ରାସ୍ତା ଧାରରେ ଠିଆହୋଇ ପଡ଼ିଲା ସେ ।

ଅନେକ ଦୂରରୁ ଦୁଇଟି ଉଜ୍ଜ୍ୱଳ ଆଲୋକବିନ୍ଦୁ ତୀବ୍ର ବେଗରେ ଛୁଟି ଆସୁଛି ସେଇ ଆଡ଼କୁ । କୌଣସି ଦ୍ରୁତଗାମୀ ଗାଡ଼ିର ଆଲୋକ ଭଳି ମନେ ହେଲା । ଲୋକଟି ଅଳ୍ପ କାଳ ବିଳମ୍ବ ନ କରି ରାସ୍ତା ତଳକୁ ଓହ୍ଲାଇ ଗଲା ।

ଏକ ବିରାଟ ବରଗଛ ଉଭା ରହିଛି ଗହନ ଅନ୍ଧକାର ମଧ୍ୟରେ । ସେଇ ବିରାଟ ଗଛ ଆଡ଼କୁ ଦ୍ରୁତ ପଦରେ ଅଗେଇ ଚାଲିଲା ଲୋକଟି । ନିମିଷକ ମଧ୍ୟରେ ସେଇ ଗଛର ଗଣ୍ଡି ଆଢ଼ୁଆଳରେ ସେ ଆତ୍ମଗୋପନ କଲା ।

ଏଣେ ପାଖେଇ ଆସିଲା ଗାଡ଼ିଟିର ହେଡ୍ ଲାଇଟ୍ । ପାଖକୁ ଆସିବା ପରେ, ଆମ୍ବାସଡ଼ାର୍ କାର୍ ଆସି ବ୍ରେକ୍ କଷିଲା ସେଇ ବିରାଟ ବରଗଛ ସାମନାର ରାସ୍ତା ଉପରେ । ହେଡ୍ ଲାଇଟ୍ ର ଆଲୋକ ଲିଭିଗଲା । ସବୁକିଛି ଡୁବିଗଲା ଗହନ ଅନ୍ଧକାର ମଧ୍ୟରେ । କିଛିକ୍ଷଣ ପର୍ଯ୍ୟନ୍ତ ସବୁ ଚୁପ୍‌ଚାପ୍ ।

କାର୍ ଭିତରୁ କାହାରିକୁ ହେଲେ ଓହ୍ଲାଇବାର ଦେଖାଗଲା ନାହିଁ । ଏଣେ ଗଛର ବିରାଟ ଗଣ୍ଡି ଆଢ଼ୁଆଳରେ ଥାଇ ରୁଦ୍ଧଶ୍ୱାସରେ ପ୍ରତୀକ୍ଷା କରିବାକୁ ଲାଗିଲା ଆଗନ୍ତୁକ ।

ଏକ ସମୟରେ କାର୍‌ର ଝରକା ମଧ୍ୟରୁ ଏକ କ୍ଷୀଣ ନୀଳ ଆଲୋକରେଖା ଫୁଟି ଉଠିଲା । ପରେ ପରେ ଭାସି ଆସିଲା ସେଲ୍ଫର କର୍କଶ ଧ୍ୱନି । ଧର୍ ଧର୍ ହୋଇ ବ୍ଲୋଅର ଜଳି ଉଠି ନୀଳ ଆଲୋକ ପୁନର୍ବାର ଲିଭିଗଲା ।

ଏଥର ଆଶ୍ୱସ୍ତ ହେଲା ଆଗନ୍ତୁକ ।

ପକେଟ୍ ଭିତରୁ ଦ୍ରୁତ ହସ୍ତରେ ସେ ବାହାର କରି ଆଣିଲା ଏକ କ୍ଷୁଦ୍ର ଶକ୍ତିଶାଳୀ ଟର୍ଚ୍ଚ । ଗଛ ଆଡ଼ୁଆଳରୁ ମୁଣ୍ଡ ବାହାର କରି ଦୁଇଥର ଟର୍ଚ୍ଚକୁ ଜଳାଇ ପୁନର୍ବାର ଲିଭାଇ ଦେଲା । ଲାଲ୍ ରଙ୍ଗର କ୍ଷୀଣ ଆଲୋକ ରେଖା ଦୁଇଥର ଜଳିଉଠି ପୁନର୍ବାର ମିଳାଇ ଗଲା ଅନ୍ଧକାର ମଧ୍ୟରେ ।

ପରକ୍ଷଣରେ ଆଗନ୍ତୁକର ମୁହଁରୁ ପେଚ୍ଚର କର୍କଶ ଧ୍ୱନି ନିର୍ଗତ ହେବାକୁ ଲାଗିଲା । ଗଛ ଉପରେ କେଇଟି ବାଦୁଡ଼ି ଥିଲେ ବୋଧହୁଏ । ଫଡ଼୍ ଫଡ଼୍ ଶବ୍ଦ କରି ସେମାନେ ଉଡ଼ିଗଲେ ।

କାର୍‌ର ଦରଜା ଖୋଲିଲା । ତାପରେ କାର୍ ମଧ୍ୟରୁ କାହାର ଗମ୍ଭୀର କଣ୍ଠ ଭାସି ଆସିଲା—'ଅପରେସନ୍ କୋବ୍ରା ।'

ଗଛ ଆଡ଼ୁଆଳରୁ ବାହାରକୁ ଉଠିଆସି ସେ କାର୍ ନିକଟରେ ଉପସ୍ଥିତ ହେଲା । ତାପରେ କାର୍‌ର ଝରକା ନିକଟରେ ମୁହଁ ରଖି ଚୁପା କଣ୍ଠରେ କହିଲା—ରବର୍ଟ ।

କାର୍ ମଧ୍ୟରୁ ଶୁଣାଗଲା—ଗୁଡ଼୍, କମ୍ ଇନ୍ ।

ଆଉ ବିଳମ୍ବ କଲା ନାହିଁ ଆଗନ୍ତୁକ । ନୀରବରେ ଆଦେଶ ପାଳନ କଲା ସେ ।

କାର୍‌ର ଦରଜା ବନ୍ଦ ହେଲା । ଇଞ୍ଜିନ୍ ଷ୍ଟାର୍ଟ ହେଲା । ତାପରେ କାର୍ ଆଗକୁ ଛୁଟି ଚାଲିଲା ଘୋରବେଗରେ । ଆଗନ୍ତୁକ ନିଜର ସତର୍କ ଏବଂ ତୀକ୍ଷ୍ଣ ଦୃଷ୍ଟି ବୁଲାଇ ଆଣିଲା । କାର୍ ଭିତରେ ଆଗ ସିଟ୍‌ରେ ଡ୍ରାଇଭର ବ୍ୟତୀତ ଆଉ କେହି ନାହାନ୍ତି ।

ପଛ ସିଟ୍‌ରେ ସେ ନିଜେ । ପାଖରେ ଜଣେ ବୟସ୍କ ବ୍ୟକ୍ତି । ତୀକ୍ଷ୍ଣ ମୁଖମଣ୍ଡଳ । ଦେହରେ ଗାଢ଼ କଳା ରଙ୍ଗର ସୁଟ୍ । ମୁଣ୍ଡରେ ଫେଲ୍ଟ ହ୍ୟାଟ୍ । ହାତରେ ଗ୍ଲୋଭସ୍ । ଦେଖିଲେ ମନେହୁଏ ଲୋକଟି ଅତ୍ୟନ୍ତ ନିଷ୍ଠୁର ଏବଂ ଧୂର୍ତ୍ତ ।

ଆରପାଖରୁ ବସି ରହିଛନ୍ତି ଜଣେ ଆମେରିକାନ୍ ଯୁବକ । ଦେହରେ ଭରା ଯୌବନ । ଯୁବକଟି ବେଶ୍ ସ୍ମାର୍ଟ ବୋଲି ଆଗନ୍ତୁକର ମନେହେଲେ ।

ଆଗନ୍ତୁକ ବୋଧହୁଏ କିଛି ଚିନ୍ତା କରୁଥିଲା । ହଠାତ୍ ତାର କାନରେ ବାଜିଲା ସେହି ଲୋକଟିର ଗମ୍ଭୀର କଣ୍ଠସ୍ୱର—ମି: ରବର୍ଟ !

ରବର୍ଟ ନାମଧାରୀ ଆଗନ୍ତୁକ ମୁହଁ ଉଠାଇ ଚାହିଁଲା ।

ସେଇ ମୁହୂର୍ତ୍ତରେ ଏକ ଶୁଭ୍ର ଆଲୋକ ରେଖା ଆସି ପଡ଼ିଲା ତାର ମୁହଁ ଉପରେ । ରବର୍ଟର ଗୋରା ମୁଖମଣ୍ଡଳରେ ଏକ ଆଶଙ୍କା ଜଡ଼ିତ ଛବି ଫୁଟି ଉଠିଲା । ମାତ୍ର ତାହା ମୁହୂର୍ତ୍ତକ ପାଇଁ ।

ଆଲୋକ ଲିଭିଗଲା । ତାପରେ ସବୁ ଚୁପ୍‌ଚାପ୍ । କାର୍ ଛୁଟି ଚାଲିଛି ତୀବ୍ର ବେଗରେ ।

ଏକ ଧମକରେ ନୀରବତା ଭଙ୍ଗକରି କାର୍ ଭିତରର ଲୋକଟିର କଣ୍ଠ ଶୁଣାଗଲା—ମି: ରବର୍ଟ ! ଆବ୍ରାହାମ୍ ଦୂପାରଣ ଅନୁସାରେ ଆମେ ଆପଣଙ୍କୁ ଆମ ଦଳରେ ସାମିଲ୍ କରିବାକୁ ଯାଉଛୁ । କିନ୍ତୁ କୌଣସି ପ୍ରକାରର ବିଶ୍ୱାସଘାତକତା ମୁଁ ସହ୍ୟ କରି ପାରେନା । ଅବଶ୍ୟ ଆବ୍ରାହାମ୍ ନିକଟରୁ ଆମେ ସବୁ ପ୍ରକାରର ପ୍ରତିଶ୍ରୁତି ପାଇଛୁ ।

ରବର୍ଟ ଗମ୍ଭୀର କଣ୍ଠରେ କହିଲା—ଦେଖନ୍ତୁ । ମୋତେ ଆପଣଙ୍କ ଦଳରେ ସାମିଲ୍ କରିବା ନ କରିବା ଆପଣଙ୍କ ଇଚ୍ଛା ଉପରେ ନିର୍ଭର କରେ । କିନ୍ତୁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସ୍ମଗଲର ରବର୍ଟ କେବେହେଲେ ବିଶ୍ୱାସଘାତକତା କରି ନ ପାରେ । ସେ ବିଷୟରେ ଆପଣ ନିଶ୍ଚିନ୍ତ ରହିପାରନ୍ତି ।

ବଳିଷ୍ଠ ଲୋକଟିର ଓଠରେ ଏକ ରହସ୍ୟମୟ ହସ ଫୁଟି ଉଠି ମୁହୂର୍ତ୍ତକ ମଧ୍ୟରେ ମିଳାଇଗଲେ ।

ଇତି ମଧ୍ୟରେ କାର୍ ଆସି ସହର ମଧ୍ୟରେ ପ୍ରବେଶ କରିଥିଲା । ଟ୍ୟାକ୍ସି ଷ୍ଟାଣ୍ଡ ପାଖରେ କାରର ଗତି ହଠାତ୍ ମନ୍ଥର ହୋଇ ଆସିଲା । ଗମ୍ଭୀର କଣ୍ଠ ଶୁଣାଗଲା ମି: ରବର୍ଟ ! ଆପଣଙ୍କୁ ଏଠାରୁ ଓହ୍ଲାଇ ଯିବାକୁ ପଡ଼ିବ । ଅବଶ୍ୟ ଟ୍ରେନ ଆପଣଙ୍କୁ ଠିକ୍ ଜାଗାରେ ପହଞ୍ଚାଇ ଦେଇ ଯିବ ।

ରବର୍ଟ ପ୍ରଶ୍ନ କଲା—ଆପଣଙ୍କ ସହ ଦେଖା ହେବ ?

ରହସ୍ୟମୟ ହସ ହସି ଲୋକଟି କହିଲା—ସେଥିପାଇଁ ଆପଣଙ୍କର ଚିନ୍ତା କରିବାର କିଛି ନାହିଁ । ମୁଁ ଯଥା ସମୟରେ ଆପଣଙ୍କ ପାଖରେ ପହଞ୍ଚି ଯାଇ ପାରିବି । ମନେ ରଖନ୍ତୁ 'କୋବ୍ରା' ଦଳ ନିକଟରେ ଅସମ୍ଭବ ବୋଲି କିଛି ନାହିଁ ।

ରବର୍ଟ କୌଣସି ଉତ୍ତର ଦେଲା ନାହିଁ । ତା ଉପରେ କେବଳ ଏକ ରହସ୍ୟମୟ ହସ ଫୁଟି ଉଠି ମିଳାଇଗଲା ।

ନୀରବରେ କାରର ଦରଜା ଖୋଲି ସେ ଓହ୍ଲାଇ ଆସିଲା ତଳକୁ । ପଛେ ଅଛି ଟ୍ରେନ ଅପେକ୍ଷାରେ ସେଇ ଆମେରିକାନ୍ ଯୁବକ ।

ଦୁଇଜଣ ତଳକୁ ଓହ୍ଲାଇବା ମାତ୍ରକେ କାର୍ ପୁନର୍ବାର ତୀବ୍ର ବେଗରେ ଆଗେଇ ଗଲା ଆଗକୁ ।

ଆଖିରୁ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ରବର୍ଟ ସେଇ କାର୍ ଆଡ଼କୁ ଚାହିଁ ରହିଲା । ତାପରେ ଦୃଷ୍ଟି ବୁଲାଇଲା ଟ୍ରେନ ଆଡ଼କୁ ।

ନରମ କଣ୍ଠରେ କହିଲା—ମିଷ୍ଟ୍ ରେକ !

ରେକ ଉପରେ ହସ ଖେଳାଇ କହିଲା—ବୁଝିଲୁ ।

—ଏଇ ଲୋକଟା କିଏ ?

—ଜାଣେନା ।

ରବର୍ଟ ମୃଦୁ ହସି ପ୍ରଶ୍ନ କଲା—ଆପଣ ଏଇ ଦଳରେ କେଇ ବର୍ଷ ହେଲା ରହିଲେଣି ?

—ଜାଣେନା ।

—ମାନେ ?

—ମି: ରବର୍ଟ ! କୋଷ୍ଟା ଦଳ ଯେ କେତେ ଭୟଙ୍କର ସେ କଥା ଆପଣ ଜାଣି ନାହାନ୍ତି । କୌଣସି ପ୍ରକାରର ଅଯଥା କୌତୂହଳକୁ ଏମାନେ ଆଦୌ ବରଦାସ୍ତ କରିପାରନ୍ତିନ । କେବଳ ଆଦେଶ ଏବଂ କାର୍ଯ୍ୟ । ବାପ୍ , ଆଜି କିଛି ନୁହେଁ । ଆସନ୍ତୁ ।

କହିସାରି ରବର୍ଟର ହାତ ଧରି ଘେନି ଟ୍ୟାକ୍ସି ଷ୍ଟାଣ୍ଡ ଆଡ଼କୁ ଟାଣି ନେଇଗଲେ । ମାଝବାଟରେ ତା ସନ୍ଦେହ ଆଚେଇବାକୁ ଲାଗିଲା ରବର୍ଟ ।

୨

ଅପରାହ୍ଣ । ବସିରହି ଡାକରେ ଆସିଥିବା ଚିଠିଗୁଡ଼ିକ ଦେଖୁଥିଲେ ବିଜୟ ବାବୁ । ବେଶୀ ନୁହେଁ । ମାତ୍ର ଛଅ ସାତ ଖଣ୍ଡ ଚିଠି । କିନ୍ତୁ ଖଣ୍ଡିଏ ଚିଠି ବିଜୟ ବାବୁଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କଲା ।

ନୀଳ ରଙ୍ଗର ଲଫାପା । ଉପରେ ଟାଇପ କରାହୋଇ ନାମ ଓ ଠିକଣା ଲେଖା ହୋଇଛି । ପ୍ରେରକର କୌଣସି ନାମ ଠିକଣା ନାହିଁ ।

ଅନ୍ୟମନସ୍କ ଭାବେ ବିଜୟ ବାବୁ 'ଲଫାପାକୁ ଚିରି ତା ମଧ୍ୟରୁ ଖଣ୍ଡିଏ ନୀଳ କାଗଜ ବାହାର କରି ଆଣିଲେ ।

ପ୍ରଥମେ ତାଙ୍କର ଆଖି ବୁଲି ଆସିଲା ଚିଠିର ତଳଆଡ଼େ । ପ୍ରେରକର ନାମ ଜାଣିବାକୁ ବ୍ୟଗ୍ର ଥିଲେ ସେ । କିନ୍ତୁ ପ୍ରେରକର

ନାମ ଉପରେ ଆଖି ପଡ଼ିବା ମାତ୍ରକେ ସର୍ପ ଦର୍ଶନ କରିବା ଭଳି ଚମକି ଉଠିଲେ ବିଜୟ ବାବୁ । ବିସ୍ମୟରେ ବିସ୍ଫାରିତ ହୋଇଗଲା ତାଙ୍କର ଆଖି ଦୁଇଟି । ତାଙ୍କ ନିକଟକୁ ଚିଠି ଦେଇଛି ଦସ୍ୟୁ ରଞ୍ଜନ !

ଦସ୍ୟୁ ରଞ୍ଜନ !

ଏଇ ନାଁଟି ମନେ ପଡ଼ିଗଲା କେଜାଣି କାହିଁକି ବିଜୟବାବୁଙ୍କ ମନରେ ଘୃଣାଭାବ ଉତ୍ପନ୍ନ ହୁଏ ନା । ବରଂ ତା ବଦଳରେ ଏକ ସ୍ନେହ ସମ୍ମାନବୋଧ ଜାଗିଉଠେ ।

ବାଃରେ ଯଦି ଦସ୍ୟୁ ନ ହୋଇ ନିଜକୁ ଅନ୍ୟ କୌଣସି ରାସ୍ତାରେ ପରିଚାଳିତ କରିଥା'ନ୍ତା, ତାହେଲେ ଏ ଦେଶ ଓ ତାର ଜନ୍ମଦାତାଙ୍କର ମୁଖର ହୋଇ ଉଠୁ ଥାଆନ୍ତା । କିନ୍ତୁ··· ଦୀର୍ଘଶ୍ୱାସ ପକାଇଲେ ବିଜୟବାବୁ ।

ଥରେ ନୁହେଁ, ବହୁଥର ଏଇ ଦସ୍ୟୁ ରଞ୍ଜନ ତାଙ୍କୁ ମୃତ୍ୟୁ ମୁଖରୁ ଉଦ୍ଧାର କରିଛି । ଦେଶ ମାତୃକାର ସେବା ନିମନ୍ତେ ଦସ୍ୟୁ ହୋଇ ମଧ୍ୟ ସେ ନିଜ ଜୀବନ ବିସର୍ଜନ ଦେବାକୁ ଆଗେଇ ଆସିଛି । ବିଜୟ ବାବୁଙ୍କର ବେଳେବେଳେ ମନେହୁଏ, ସେ ସେମିତି ଦସ୍ୟୁ ନୁହେଁ । ଦସ୍ୟୁରୂପୀ କୌଣସି ଦେବତା । ହେଲେ ଆଜି ଦସ୍ୟୁ ରଞ୍ଜନ ତାଙ୍କ ନିକଟକୁ କି ଚିଠି ଦେଇଛି ?

ଚୀନ ଅଭିଯାନରୁ ଫେରିବା ପରେ ରଞ୍ଜନ ବୋଧହୁଏ ନିଜକୁ ପୂର୍ବପରି ଗୋପନ ଅବସ୍ଥାରେ ରଖିଥିଲା । ତାଛଡ଼ା କାର୍ଯ୍ୟ ବ୍ୟସ୍ତ ଥାଇ ବିଜୟ ବାବୁ ମଧ୍ୟ ତା ସମ୍ପର୍କରେ ଚିନ୍ତା କରିବାକୁ କିମ୍ବା ଦୃଷ୍ଟି ଦେବାକୁ ଭୁଲି ଯାଇଥିଲେ ।

ହଠାତ୍ ଏତେଦିନ ପରେ ଦସ୍ୟୁ ରଞ୍ଜନ କଥା ମନେ ପଡ଼ିବାରୁ ବିଜୟ ବାବୁଙ୍କ ହୃଦୟ କେଜାଣି କାହିଁକି ଆନ୍ଦୋଳିତ ହୋଇ ଉଠିଲା ।

ତା'ପରେ ହୋଇ ସଞ୍ଜୟ ବାବୁ 'ଚିଠି'ଟିକୁ ପଢ଼ିବାକୁ ଆରମ୍ଭ କଲେ—ଲେଖାଅଛି—

ମାନନୀୟ ସଞ୍ଜୟ ବାବୁ !

ପ୍ରଣାମ । ଜଣେ ଦସ୍ୟୁ ନିକଟରୁ ଚିଠି ପାଇ ଆପଣ ଯେ ଅବାକ୍ ହେବେ, ସେ କଥା ମୁଁ ଜାଣେ । କିନ୍ତୁ ଏ ସମ୍ପର୍କରେ ଆପଣଙ୍କୁ ନ ଜଣାଇ ରହିବା ମୋ ପକ୍ଷରେ ସମ୍ଭବ ହେଲା ନାହିଁ । ତେଣୁ ଲେଖିବା ପାଇଁ ବାଧ୍ୟ ହେଲି । ବର୍ତ୍ତମାନ ଦେଶରେ ଯେଉଁଭଳି ଭାବରେ ସ୍ମଗଲରମାନଙ୍କ ପ୍ରକୋପ ବୃଦ୍ଧି ପାଇଛି ତାହା ଆପଣଙ୍କୁ ନିଶ୍ଚୟ ଅଜଣା ନ ଥିବ ।

ଆପଣ ଜାଣିଥିବେ, କୋବ୍ରା ଦଳ ବର୍ତ୍ତମାନ ଏକ ଧାରାରେ ବେଶ୍ ସକ୍ରିୟ ହୋଇ ଉଠିଛି । ଏଇ ଦଳ ପାଇଁ ନିଜର ସ୍ୱାର୍ଥ ନିମନ୍ତେ ନରହତ୍ୟା କେବଳ ପିଲାଖେଳ ମାତ୍ର । ନିଜର ସ୍ୱାର୍ଥ ପାଇଁ ଏମାନେ ସବୁକିଛି କରିବାକୁ ପ୍ରସ୍ତୁତ । ଅବଶ୍ୟ ଏଇ ଦଳର କୌଣସି ସଦସ୍ୟଙ୍କୁ ଏପର୍ଯ୍ୟନ୍ତ ଗ୍ରେପ୍ତାର କରିବା ସମ୍ଭବ ହୋଇ ପାରିନି । ଆଉ ତାର ମୁଖ୍ୟ ଆଡ୍ଡା ସମ୍ପର୍କରେ ଜାଣିବା ତ' ଦୂରର କଥା । ସେ ଯାହାହେଉ ସେଥିପାଇଁ ମୁଁ ନିଜେ ମଧ୍ୟ ଚେଷ୍ଟା କରୁଛି ।

ହଁ, ଗୋଟାଏ କଥା । ଦିନ ଦୁଇଦିନ ହେବ, ଏଇ କୋବ୍ରା ଦଳରେ କୁଖ୍ୟାତ ସ୍ମଗଲର ରବର୍ଟ ମଧ୍ୟ ଆସି ଯୋଗ ଦେଇଛି । ରବର୍ଟ ଯେ କେତେ ଭୟଙ୍କର ଏବଂ ଧୂର୍ତ୍ତ ବ୍ୟକ୍ତି ସେକଥା ଆପଣ ଆନ୍ତର୍ଜାତିକ ପୋଲିସ ରିପୋର୍ଟରୁ ଜାଣି ପାରିବେ । ପ୍ରାୟ ସବୁଦେଶର ପୋଲିସ ନିକଟରେ ତା ନାମରେ ୱାରେଣ୍ଟ ଅଛି । ତେଣୁ ଏଭଳି ଜଣେ ବିପଦ୍‌ଜନକ ବ୍ୟକ୍ତିର ଏଠାରେ ଉପସ୍ଥିତି ନିଶ୍ଚିତ ଭାବରେ ଘୃଣ୍ୟଜନକ ।

Deb's Library Corner...

ଏକ ବିଶ୍ୱସ୍ତ ସୂତ୍ରରୁ ମୁଁ ଖବର ପାଇଛି ଆସନ୍ତା ଶନିବାର ହିନ୍ ଗ୍ରାଣ୍ଡ ହୋଟେଲ୍‌ରେ ଏକ ବିରାଟ ପାର୍ଟିର ଆୟୋଜନ କରା ହୋଇଛି । ରାୟବାହାଦୁର ଗୋପାଳ ଚୌଧୁରୀଙ୍କ ପୁତ୍ର ପାର୍ଥଙ୍କ ଆମେରିକାରୁ ଫେରି ଆସିଥିବାରୁ ସେଇ ଉଦ୍ଦେଶ୍ୟରେ ଏଇ ପାର୍ଟି ଦିଆ ହେଉଛି । ସମୟ ରାତି ଠିକ୍ ନଅଟା । ତେବେ ଏଇ ପାର୍ଟିରେ ରବର୍ଟ ମଧ୍ୟ ଉପସ୍ଥିତ ହେଉଛନ୍ତି ବୋଲି ଖବର ମିଳିଛି । ଅବଶ୍ୟ କି ଉଦ୍ଦେଶ୍ୟରେ, ସେ କଥା ଏ ପର୍ଯ୍ୟନ୍ତ ଜଣା ପଡ଼ିନାହିଁ ।

ଯାହାହେଉ, ଆପଣ ଏଇ ସୁଯୋଗ ନଷ୍ଟ କରିବେନି ବୋଲି ମୋର ବିଶ୍ୱାସ । ଭବିଷ୍ୟତରେ ଆପଣଙ୍କ ସହ କର୍ମକ୍ଷେତ୍ରରେ ସାକ୍ଷାତ କରିବାର ଆଶା ନେଇ ରହିଲି ।—ଦସ୍ୟୁ ରଞ୍ଜନ—

ଚିଠି ଖଣ୍ଡିକୁ ହାତରେ ଧରି ବିଜୟ ବାବୁ ସ୍ଥିର ଦୃଷ୍ଟିରେ କିଛିକ୍ଷଣ ଅନେଇ ରହିଲେ । ତାଙ୍କ ଛାତି ଅତଳ ଏକ ଦୀର୍ଘଶ୍ୱାସ ବାହାରି ଆସିଲା । ଦସ୍ୟୁ ରଞ୍ଜନ ପ୍ରତି ତାଙ୍କ ମନରେ ସମ୍ମାନବୋଧ ଆହୁରି ଦ୍ୱିଗୁଣ ହୋଇ ଉଠିଲା । ବିଜୟବାବୁ ଚିନ୍ତା କରିବାକୁ ଲାଗିଲେ । ଆଜି ଶନିବାର । ତା'ହେଲେ ଗ୍ରାଣ୍ଡ ହୋଟେଲରେ ଆଜି ରାୟ ବାହାଦୁରଙ୍କ ପାର୍ଟି । ବିଜୟ ବାବୁ ଚଞ୍ଚଳ ହୋଇ ଉଠିଲେ । ଏତିକିବେଳେ ଟେଲିଫୋନ ଝଙ୍କାର କରି ଉଠିଲା ।

କ୍ରିଂ...କ୍ରିଂ...କ୍ରିଂ...

ବିଜୟ ବାବୁ ଡାହାଣ ହାତ ବଢ଼ାଇ ରିସିଭର ଉଠାଇ ଆଣିଲେ ।—ହାଲୋ !

ଅପର ପଟରୁ ଜୋର ଗମ୍ଭୀର କଣ୍ଠ ଭାସି ଆସିଲା । ଶୁଣିବା ମାତ୍ରକେ ଚମକି ଉଠିଲେ ବିଜୟ ବାବୁ । ଏଇ କଣ୍ଠ ଆଇ.ଜି. ସାହେବଙ୍କର ।

ବିଜୟ ବାବୁ ନମ୍ର କଣ୍ଠରେ କହିଲେ—କଣ ହୋଇଛି ସାର୍ ! ଆପଣ କେମିତି ଚିନ୍ତିତ ଥିବାଭଳି ମନେ ହେଉଛି ।

ଆଇ.ଜି. ସାହେବଙ୍କ କଣ୍ଠ ଶୁଣାଗଲା—ଆପଣଙ୍କ ସନ୍ଧାନ ଜରୁରୀ ଦରକାର ବିଜୟ ବାବୁ ! ଯେତେଶୀଘ୍ର ସମ୍ଭବ ଆପଣ ମୋତେ ଆସି ଦେଖା କରନ୍ତୁ । ସାକ୍ଷାତରେ ସବୁ ଜାଣି ପାରିବେ ।

କହିସାରି ଆଇ.ଜି. ସାହେବ ରିସିଭର ରଖିଦେଲେ । ଯୋଗାଯୋଗ ବିଚ୍ଛିନ୍ନ ହେଲା । ବିଜୟ ବାବୁ ରିସିଭର ରଖିଦେଇ ଚିନ୍ତା କରିବାକୁ ଲାଗିଲେ । ଆଶ୍ଚର୍ଯ୍ୟ ! ଆଇ.ଜି. ସାହେବଙ୍କର ତାଙ୍କ ନିକଟରେ ଏମିତି ଅତି ଜରୁରୀ ଆଲୋଚନା କଣ ଥାଇପାରେ ?

ଯେ ସାହେବ, ତାଙ୍କୁ ଏଇ ସଙ୍ଗେ ସଙ୍ଗେ ବାହାରିବାକୁ ହେବ । ବିଜୟ ବାବୁ ଉଠି ଠିଆହେଲେ । ହାତରେ ଆଉ ସମୟ ମଧ୍ୟ ଅଳ୍ପ, ବିଳମ୍ବ କଲେ ଚଳିବନି । ଦଶମିନିଟ୍ ମଧ୍ୟରେ ନିଜକୁ ପ୍ରସ୍ତୁତ କରିନେଇ ବିଜୟବାବୁ ବାହାରି ଆସିଲେ ବାହାରକୁ ।

ମାତ୍ର ଡ୍ରଇଙ୍ଗରୁମର ଦରଜା ନିକଟରେ ପହଞ୍ଚିବା ମାତ୍ରକେ ଅବାକ୍ ହେଲେ ସେ । ଦରଜା ଦେହରେ ଗୋଟାଏ ତୀକ୍ଷ୍ଣ ଧାର ବିଶିଷ୍ଟ ଛୁରୀ ବିଦ୍ଧ ହୋଇଛି । ଛୁରୀର ଠିକ୍ ତଳେ ଲୁଚିହୋଇ ରହିଛି ଖଣ୍ଡିଏ ନାଲି ରଙ୍ଗର କାଗଜ ।

ହାତରେ ରୁମାଲ ଗୁଡ଼ାଇନେଇ ଅତ୍ୟନ୍ତ ସାବଧାନତା ସହକାରେ ବିଜୟ ବାବୁ ଦରଜା ଦେହରୁ ଛୁରୀଟିକୁ ଟାଣିଆଣିଲେ । ଛୁରୀଟିକୁ ଟେବୁଲ ଉପରେ ରଖି କାଗଜ ଖଣ୍ଡିକୁ ଖୋଲି ଦେଖିଲେ ଖଣ୍ଡିଏ ଚିଠି ।

ଚିଠିଟି ତାଙ୍କର ନିକଟକୁ ହିଁ ଲେଖା ହୋଇଛି । ନାଲି ରଙ୍ଗର କାଗଜ ଉପର ଅଂଶକୁ ରହିଛି ଦୁଇଟି ସର୍ପଙ୍କର 'କୋବ୍ରା'ର ଛବି । ଟାଇପ କରାଯାଇ ଲେଖା ହୋଇଛି—

ବିଜୟ ବାବୁ !

ଜାଣି ଜାଣି ମରଣ ମୁହଁରେ ପାଦ ଦେଉଛନ୍ତି କାହିଁକି ? କୋବ୍ରା ଦଳର ବିରୁଦ୍ଧାଚରଣ କରିବା ଅର୍ଥ ମୃତ୍ୟୁକୁ ବରଣ କରିବା ।

ମନେରଖନ୍ତୁ ଏବେ ନିଜର ଜୀବନ ସୁଖଶାନ୍ତି ଚାହୁଁଥିଲେ ଏହି କୋବ୍ରା ଦଳ ନିକଟରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ । ନ ହେଲେ 'କୋବ୍ରା' ଆପଣଙ୍କୁ କ୍ଷମା କରି ପାରେନା—

—କିଙ୍ଗ୍ କୋବ୍ରା—

ଚିଠି ଖଣ୍ଡିକୁ ପଢ଼ି ସାରି ସଞ୍ଜୟ ବାବୁ ପକେଟରେ ରଖି ଦେଲେ ! ଓଠରେ ତାଙ୍କର ଏକ ରହସ୍ୟମୟ ହସ ଫୁଟି ଉଠି ମିଳାଇ ଗଲା । ମନେ ମନେ ଦୃଢ଼ ସଂକଳ୍ପ କରିନେଲେ ସଞ୍ଜୟ ବାବୁ । ତାପରେ ଦ୍ରୁତ ପଦରେ ସେ ଅଗେଇ ଆସିଲେ ବାହାରକୁ ।

ଫିଆଟ କାର୍ ଏଥର ସଞ୍ଜୟ ବାବୁଙ୍କର ଦକ୍ଷ ହସ୍ତ ସ୍ପର୍ଶରେ ଯେପରି ଜୀବନ୍ତ ହୋଇ ଉଠିଲା । ଟ୍ରାଫିକର ନିୟମ ଭଙ୍ଗକରି କାର୍ ଛୁଟି ଚାଲିଲା ତୀର ବେଗରେ ।

ଅଫିସରେ ଆସି ପହଞ୍ଚିବା ମାତ୍ରେ ସଞ୍ଜୟ ବାବୁଙ୍କର ବିଶେଷ ବିଳମ୍ବ ହେଲା ନାହିଁ । ବେଶ୍ ଜୋରରେ କାର ଡ୍ରାଇଭିଂ କରି ଆସିଛନ୍ତି ସେ । ମନ ଅଶାନ୍ତ, ବିଷୟ ଏହି କୋବ୍ରା ଦଳ । ଅତ୍ୟନ୍ତ ରହସ୍ୟମୟ ତାର ସଦସ୍ୟମାନଙ୍କ କାର୍ଯ୍ୟକଳାପ ।

ଚିନ୍ତିତ ହେଲେ ସଞ୍ଜୟ ବାବୁ । ସେ ଯେ ବର୍ତ୍ତମାନ ଏହି କୋବ୍ରା ଦଳ ବିରୁଦ୍ଧରେ କୌଣସି ପଦକ୍ଷେପ ନେବାକୁ ଯାଉଛନ୍ତି, ସେ ସମ୍ପର୍କରେ କୋବ୍ରା କିଙ୍ଗ୍ ଜାଣିଲା କିପରି ? ତାହେଲେ କଣ ତାଙ୍କର ପ୍ରତ୍ୟେକ ପଦକ୍ଷେପ ଉପରେ କୋବ୍ରା ଦଳ ତୀକ୍ଷ୍ଣ ସତର୍କ ଦୃଷ୍ଟି ରଖିଛନ୍ତି !

ତନ୍ମୟ ବାବୁ ରିଷ୍ଟୱାଚ ଉପରେ ଆଖି ବୁଲାଇ ନେଲେ । ପାଞ୍ଚଟା ବାଜି ପଇଁତିରିଶ ମିନିଟ ହେବାକୁ ଯାଉଛି । ଆଉ ବିଳମ୍ବ କରିବା ଉଚିତ୍ ହେବନି ।

ଓପାକ୍ ଦ୍ୱାରର ଦରଜା ଠେଲି ତନ୍ମୟ ବାବୁ ଭିତରେ ପ୍ରବେଶ କଲେ ।

ଭିତରେ ଷ୍ଟେନୋ ମିସ୍ ଚୌଧୁରୀ ବସିଥିଲା । ତନ୍ମୟ ବାବୁଙ୍କୁ ଦେଖି ସମ୍ମାନ ସହକାରରେ ଉଠି ଠିଆହେଲା ସେ । ତାପରେ ଅଭିବାଦନ ଜଣାଇ ନମ୍ର କଣ୍ଠରେ କହିଲା—ସାର୍ ଆପଣଙ୍କୁ ଅନେକ ସମୟରୁ ଅପେକ୍ଷା କରୁଛନ୍ତି । ଆପଣ ଆସିବା ମାତ୍ରେ ଦେଖା କରିବାକୁ କହିଛନ୍ତି ।

—ଠିକ୍ ଅଛି ।

ଦରଜା ଠେଲି ତନ୍ମୟ ବାବୁ ଭିତରେ ପାଦ ଦେଲେ ।

ଭିତରେ ସମସ୍ତ କୋଠରୀ ଧୂମ୍ରପୂର୍ଣ୍ଣ । ତନ୍ମୟ ବାବୁ ପ୍ରଥମେ ବିସ୍ମିତ ହେଲେ ମଧ୍ୟ ପରକ୍ଷଣରେ ସବୁକଥା ବୁଝି ପାରିଲେ ।

ଝରକା ନିକଟରେ ଠିଆ ହୋଇ କାଚ ମଧ୍ୟ ଦେଇ ବାହାରକୁ ଚାହିଁଛନ୍ତି ସ୍ୱୟଂ ଆଇ. ଜି. ସାହେବ । ଗମ୍ଭୀର ମୁଖମଣ୍ଡଳ । ଅନ୍ତରରେ କ'ଣ ଚିନ୍ତା କରୁଛନ୍ତି ଗଭୀର ଭାବରେ ।

ଓଠ ପାଖରେ ଲାଗି ରହିଛି ଦାମୀ ଚୁରୁଟ । ତା' ମଧ୍ୟରୁ ଧୂଆଁ ବାହାରି ସାରା କୋଠରୀରେ ପୂର୍ଣ୍ଣ ହୋଇ ସାରିଛି ।

ତନ୍ମୟ ବାବୁ ଦରଜା ଠେଲି ଭିତରକୁ ଆସିବା ମାତ୍ରେ ଆଇ. ଜି. ସାହେବ ସେହିଭଳି ଭାବରେ ଠିଆ ହୋଇ, ମୁହଁ ବୁଲାଇ ଗମ୍ଭୀର କଣ୍ଠରେ କହିଲେ—ବସନ୍ତୁ ତନ୍ମୟ ବାବୁ !

ତନ୍ମୟ ବାବୁ କୌଣସି ଉତ୍ତର ନ ଦେଇ ଗୋଟିଏ ଚେୟାର ଟାଣିଆଣି ବସିଲେ । ପ୍ରାୟ ଦୁଇମିନିଟ ସମସ୍ତ ଅନ୍ଦୋଳିତ ହୋଇଗଲା ।

ଆଇ: ଜି: ସାହେବ ଏଥର ଫେରି ଆସିଲେ ନିଜ ଚେୟାର ଉପରକୁ । ଗମ୍ଭୀର କଣ୍ଠରେ ଡାକିଲେ—ରଜନୀ ବାବୁ !

—କୁହନ୍ତୁ ସାର୍ ।

—ଆପଣଙ୍କୁ ଏକ ଅତ୍ୟନ୍ତ ଜରୁରୀ ବିଷୟରେ ଆଲୋଚନା କରିବା ନିମନ୍ତେ ଡାକିଛୁ । କାରଣ ଆପଣ ଜାଣନ୍ତି, ଡିପାର୍ଟମେଣ୍ଟ ମଧ୍ୟରେ ମୁଁ କେବଳ ଆପଣଙ୍କୁ ହିଁ ଏହି କାର୍ଯ୍ୟ ନିମନ୍ତେ ଯୋଗ୍ୟ ବୋଲି ମନେକରେ । ଶୁଣନ୍ତୁ, ସେ ସାହେବ···

ରଜନୀ ବାବୁ କହିଲେ—ଆପଣ ବୃଥା ପ୍ରଶଂସା କରୁଛନ୍ତି ସାର୍···

ଆଇ: ଜି: ସାହେବ ମୁରୁକି ହସିଲେ । କହିଲେ—ଏଥର ତାହେଲେ ଅସଲ କଥାକୁ ଆସିବା । ଆପଣ କୋବ୍ରା ଦଳ ସମ୍ପର୍କରେ ଶୁଣିଛନ୍ତି ?

ରଜନୀ ବାବୁ ମୁଣ୍ଡ ହଲାଇ କହିଲେ—ସାମାନ୍ୟ ଜାଣେ ।

ଆଇ: ଜି: ସାହେବ କହିବାକୁ ଲାଗିଲେ—ଏହି କୋବ୍ରା ଦଳ ପ୍ରକୃତରେ ଏକ ଆନ୍ତର୍ଜାତିକ କୁଖ୍ୟାତ ସ୍ମଗ୍‌ଲିଂ ଦଳ । ଏହି ଦଳର ସଦସ୍ୟମାନେ ଯେମିତି ଧୂର୍ତ୍ତ, ଦୁର୍ଦ୍ଧର୍ଷ, ସେମାନଙ୍କର କାର୍ଯ୍ୟକଳାପ ମଧ୍ୟ ସେହିଭଳି ଭୟଙ୍କର । ଏମାନଙ୍କର କୌଣସି କାର୍ଯ୍ୟ ଅସାଧ୍ୟ ବୋଲି ନାହିଁ । ବଡ଼ଧରଣର ମାରାତ୍ମକ ଧ୍ୱଂସାତ୍ମକ କାର୍ଯ୍ୟକଳାପ, ସ୍ମଗ୍‌ଲିଂ, ଇତ୍ୟାଦି ପ୍ରତ୍ୟେକ କାର୍ଯ୍ୟରେ ଏମାନେ ଦକ୍ଷ । ମୋଟ ଉପରେ ଏମାନେ କୌଣସି ଶତ୍ରୁ ରାଜ୍ୟର ଏଜେଣ୍ଟ ବୋଲି ସନ୍ଦେହ କରାଯାଉଛି ।

—କେଉଁ ରାଜ୍ୟର ?

ରଜନୀ ବାବୁଙ୍କ ପ୍ରଶ୍ନର ଉତ୍ତର ଦେଇ ଆଇ: ଜି: ସାହେବ କହିଲେ—ସେକଥା ଆମେ ଏପର୍ଯ୍ୟନ୍ତ ଠିକ୍ ଭାବରେ ଜାଣିପାରି-ନାହୁଁ । କେବଳ ସେତିକି ନୁହେଁ, କୋବ୍ରା ଦଳ ସମ୍ପର୍କରେ

ଅନ୍ୟ କୌଣସି ପ୍ରକାର ତଥ୍ୟ ଜାଣିବା କିମ୍ବା କୌଣସି କଳେ କୌଶଳେ ଦଳର ସଦସ୍ୟଙ୍କୁ ଗିରଫ୍ତାର କରିବାକୁ ପୋଲିସ ବାହିନୀ ସକ୍ଷମ ହୋଇ ପାରିନାହାନ୍ତି । ଏଇଟା ଅତ୍ୟନ୍ତ କ୍ଷୋଭର ବିଷୟ ।

ଶୁଣନ୍ତୁ ଏହି କୋବ୍ରା ଦଳର ଯେ ସର୍ଦ୍ଦାର ସେ ନିଜକୁ କୋବ୍ରା କିଙ୍ଗ୍ ବୋଲି କହେ । ଲୋକଟାର କିନ୍ତୁ ଏପର୍ଯ୍ୟନ୍ତ ପ୍ରକୃତ ରୂପ ଦେଖି ପାରିନାହାନ୍ତି ! ଅଥଚ ତାର କେବଳ ମାତ୍ର ଅନୁଦେଶରେ ଏତେ ବଡ଼ ଦୁର୍ଦ୍ଧର୍ଷ ଏକ ଦଳ ପରିଚାଳିତ ହେଉଛନ୍ତି, ଏଇଟା କିଛି କମ କଥା ନୁହେଁ ।

ବର୍ତ୍ତମାନ ଏହି କୋବ୍ରା ଦଳର ଟେଭବଧି ଓଡ଼ିଶାରେ ଅତ୍ୟନ୍ତ ପ୍ରବଳ ହୋଇ ଉଠିଛି । ଏ ଅବସ୍ଥାରେ ଓଡ଼ିଶା ପୋଲିସ ନିଶ୍ଚିନ୍ତ ହୋଇ ବସି ରହିବା ମୁଁ ଆଦୌ ପସନ୍ଦ କରେନା । ତେବେ ଇତି ମଧ୍ୟରେ ଆମ ଘର ଦ୍ୱାରରେ ଆଜ ଏକ ବଡ଼ ସମସ୍ୟା ଆସି ପଡ଼ିଅଛି ।

ଜୟନ୍ତ ବାବୁ ଅବାକ୍ ହୋଇ ପ୍ରଶ୍ନ କଲେ କଣ ?

ଅଇ: ଜି: ସାହେବ କହିଲେ—ବର୍ତ୍ତମାନ ଏହି କୋବ୍ରା ଦଳର କୁଦୃଷ୍ଟି ଆସି ପଡ଼ିଛି ଆମର ହୋମ୍ ମିନିଷ୍ଟର ରାୟ ବାହାଦୁର ଦେବପାଳ ଚନ୍ଦ୍ର ଚୌଧୁରୀଙ୍କ ଉପରେ ।

ଜୟନ୍ତ ବାବୁ ଚମକି ଉଠିଲେ ।—ମାନେ ?

—କହୁଛି । ଆପଣ ଜାଣିଥିବେ, ରାୟ ବାହାଦୁରଙ୍କର ଏକମାତ୍ର ପୁତ୍ର ଅବିନାଶ ବର୍ତ୍ତମାନ ଆମେରିକାରୁ ଫେରି ଆସିଛି । ସାଙ୍ଗରେ ତାର ପତ୍ନୀ ସୀତା ମଧ୍ୟ ଆସିଛି । ଏଇ ଉପଲକ୍ଷେ ରାୟ ବାହାଦୁର ଏକ ବଡ଼ ପାର୍ଟିର ଆୟୋଜନ କରିଛନ୍ତି ଗ୍ରାଣ୍ଡ ହୋଟେଲରେ । ଆଜି ରାତି ନଅଟାବେଳେ । କିନ୍ତୁ କୋବ୍ରାଦଳ ପକ୍ଷରୁ ହଠାତ୍ ଏକ ଚରମପତ୍ର ଆସି ପହଞ୍ଚିଛି ରାୟ ବାହାଦୁରଙ୍କ ନିକଟରେ ।

—କଣ ?

—ଯଦି ରାୟ ବାହାଦୁର ନିଜ ପକ୍ଷରୁ ଛାପ ଦେଇ 'ଜୋକ୍ସା' ବିରୁଦ୍ଧରେ ପୋଲିସ ନିମନ୍ତ୍ରଣ ଉଠାଇ ନ ନିଅନ୍ତି ତାହେଲେ ତାଙ୍କର ଏକମାତ୍ର ପୁତ୍ରବଧୂ ଗୀତାକୁ ସେମାନେ ଅପହରଣ କରି ନେବେ ଏବଂ କଣ୍ଠାମୁଣ୍ଡ ଉପହାର ସ୍ୱରୂପ ପଠାଇଦେବେ ତାଙ୍କ ନିକଟକୁ । ଏଥିରେ ମିଷ୍ଟର ମହୋଦୟ ପୂରାପୂରି ଭାଙ୍ଗି ପଡ଼ିଛନ୍ତି । ତାଛଡ଼ା ଆଜିର ପାର୍ଟିରେ ଗୀତାର ଉପସ୍ଥିତି ଏକାନ୍ତ କାମ୍ୟ । ତା ନ ହେଲେ ନିଜର ମାନସମ୍ମାନ ଦୃଷ୍ଟିରୁ ତାଙ୍କୁ କ୍ଷତିଗ୍ରସ୍ତ ହେବାକୁ ପଡ଼ିବ । ଏଇ ପରିସ୍ଥିତିରେ ରାୟ ବାହାଦୁରଙ୍କୁ ମୁଁ କଥାଟାକୁ ସମ୍ପୂର୍ଣ୍ଣ ଗୋପନ ରଖିବାକୁ କହୁଛି ।

ରଜତ ବାବୁ ଦୀର୍ଘଶ୍ୱାସ ପକାଇଲେ । ତାଙ୍କ ଆଖି ସାମନାରେ ଭାସି ଉଠିଲା ଦସ୍ୟୁ ଭଞ୍ଜନର ସେଇ ଚିଠି ଖଣ୍ଡିକ । ଏଥର ତାଙ୍କ ଆଖି ଆଗରେ ରବର୍ଟର ଗ୍ରାଣ୍ଡ ହୋଟେଲରେ ଉପସ୍ଥିତିର କାରଣ ସ୍ପଷ୍ଟ ହୋଇ ଉଠିଲା ।

ଆଇ: ଜି: ସାହେବ କିଛିକ୍ଷଣ ନୀରବ ରହି କହିଲେ—ଆପଣଙ୍କୁ କାହିଁକି ଡାକୁଛି ସେକଥା ଜାଣିବା ଲାଗି ଆପଣ ନିଶ୍ଚୟ ବ୍ୟଗ୍ର ହୋଇ ଉଠିବେଣି । ମୁଁ ଚାହୁଁଛି ଆପଣ ଛଦ୍ମବେଶରେ ଗ୍ରାଣ୍ଡ ହୋଟେଲକୁ ଯାଆନ୍ତୁ ଏବଂ ଗୀତା ଉପରେ ଆଖି ରଖନ୍ତୁ ! ଆପଣଙ୍କ ସାହାଯ୍ୟ ନିମନ୍ତେ ଆପଣ ଯେକୌଣସି ଦୁଇଜଣ ଦାୟିତ୍ୱ ସମ୍ପନ୍ନ ଅଫିସରଙ୍କୁ ସାଙ୍ଗରେ ନେଇଯାଇ ପାରନ୍ତି । ତେବେ କଥାଟା ଯେତେଦୂର ଗୁପ୍ତ ରହିବ ସେତେ ଭଲ ।

ରଜତ ବାବୁ ନୀରବ ରହିଲେ । କୌଣସି ଉତ୍ତର ଦେଲେ ନାହିଁ । ଗଭୀର ଚିନ୍ତାରେ ନିମଗ୍ନ ହେଲେ ।

ଆଇ: ଜି: ସାହେବ ନୀରବରେ ଚୁରୁଟ୍‌ରେ କେଇଥର ଟାଣ ଦେଲେ । ତାପରେ ଧୂଆଁ ଛାଡ଼ି କହିଲେ—ହଁ, ଆଉ ଗୋଟାଏ କଥା କହିବାକୁ ଭୁଲି ଯାଇଛି ।

ବିଜୟ ବାବୁ ମୁଣ୍ଡ ଉଠାଇ ଚାହିଁଲେ । ଆଇ: ଜି: ଙ୍କ ଦୃଷ୍ଟି ସ୍ଥିର

—ଅନ୍ତର୍ଜାତୀୟ କୁଖ୍ୟାତ ସ୍ମଗଲର ରବର୍ଟ କୌଣସି ଉପାୟରେ ଆସି ଏଠାରେ ପହଞ୍ଚି ଯାଇଛି । ଲୋକଟା ଅତ୍ୟନ୍ତ ଭୟଙ୍କର ପ୍ରକୃତିର । ପୃଥିବୀର ପ୍ରାୟ ସମସ୍ତ ଦେଶର ପୋଲିସ ନିକଟରେ ତା ନାମରେ ୱାରେଣ୍ଟ ରହିଛି । ଏତେ କଟକଣା ସତ୍ତ୍ୱେ ସେ ସେ' କିଭଳି ଭାବରେ ଜାଲ ପାସପୋର୍ଟ ଇତ୍ୟାଦି ନେଇ ଏଠାକୁ ଆସିପାରିଲା ସେକଥା ମୁଁ ବୁଝିପାରୁନି । ଏକ ଅସମର୍ଥିତ ସୂତ୍ରରୁ ପ୍ରକାଶ ପାଇଛି ଯେ ଏଇ ରବର୍ଟ ଏଠାକୁ ଆସି କୋବ୍ରା ଗ୍ୟାଙ୍ଗ୍ ସହିତ ଯୋଗ ଦେଇଛି । ଯଦି ତାହାହିଁ ହୋଇଥାଏ ତାହେଲେ ଆମକୁ ଅଧିକ ସଜାଗ ସତର୍କ ରହିବାକୁ ହେବ ।

ବିଜୟ ବାବୁ ଝରକା ଦେଇ ଚାହିଁଲେ ବାହାରକୁ । କୌଣସି ଉତ୍ତର ଦେଲେ ନାହିଁ ।

ଆଇ: ଜି: ସାହେବ ପୁନର୍ବାର କହିଲେ—ଆଚ୍ଛା ବର୍ତ୍ତମାନ ତ ହାତରେ ବିଶେଷ ସମୟ ନାହିଁ । ଆପଣ ଏଇ ଫାଇଲ ନେଇ ଯାଆନ୍ତୁ । ବାକିତକ ଏଥିରୁ ପଢ଼ି ବୁଝିବେ । ମୋର ବିଶ୍ୱାସ ଆପଣଙ୍କ ଉପରେ ଦାୟିତ୍ୱ ଦେଇ ମୁଁ ନିଶ୍ଚିନ୍ତ ହେଲି ।

ବିଜୟ ବାବୁ ଉଠି ଠିଆହେଲେ ।

ଫାଇଲ୍ ହାତ ବଢ଼ାଇ ନେଉ ନେଉ ନମ୍ର କଣ୍ଠରେ କହିଲେ—ଆପଣଙ୍କ ବିଶ୍ୱାସ କ୍ଷୁଣ୍ଣ ହେଲାଭଳି କାର୍ଯ୍ୟ ମୁଁ କେବେ ହେଲେ କରିବିନି ସାର୍ !

ଆଇ: ଜ: ଯାଦବ ମୃଦୁ ହସି କହିଲେ—ଉଇଶ୍ ୟୁ ଗୁଡ୍ ଲକ୍ ।

ଧନ୍ୟବାଦ ଜଣାଇ ବିଜୟ ବାବୁ ବାହାରି ଆସିଲେ ବାହାରକୁ । ମୁଣ୍ଡରେ ତାଙ୍କର ଚିନ୍ତାର ଜାଲ । ଡୋଲ୍ଡା ଇନ୍, ରବର୍ଟ ଦସ୍ୟୁ ରଞ୍ଜନ । ସତରେ କଣ ସେ ସଫଳ ହୋଇ ପାରିବେ ?

ବିଜୟ ବାବୁ ଷ୍ଟିଓ୍ୱାର ଆଡ଼େ ଘୁଞ୍ଚିଲେ । ସାତଟା ବାଜି ପନର ମିନିଟ୍ । ଚଞ୍ଚଳ ହୋଇ ଉଠିଲେ ସେ । ଦ୍ରୁତ ଗତିରେ ଆଗେଇ ଗଲେ ନିଜର ଫିଆଟ୍ କାର୍ ଆଡ଼କୁ । କେଇ ସେକେଣ୍ଡ ପରେ ଦେଖାଗଲା କଳାରଙ୍ଗର ଫିଆଟ୍ ଖଣ୍ଡିକ ରାସ୍ତା ଉପରେ ଛୁଟି ଚାଲିଛି ଖର ବେଗରେ ।

ଗ୍ରାଣ୍ଡ୍ ହୋଟେଲ । ସହରର ଅତ୍ୟାଧୁନିକ ଏବଂ ସର୍ବଶ୍ରେଷ୍ଠ ହୋଟେଲ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ହୋଟେଲଟିର କୋଠରୀ ସଂଖ୍ୟା ଦୁଇଶହ । ସମ୍ପୂର୍ଣ୍ଣ ହୋଟେଲଟି ଶୀତତାପ ନିୟନ୍ତ୍ରିତ । ଏକ କଥାରେ କହିବାକୁ ଗଲେ ଉଚ୍ଚ ପ୍ରସସ୍ତ ବିଳାସ ବ୍ୟସନର ଏକ କେନ୍ଦ୍ର । ଅର୍ଥ ବିନିମୟରେ ଏଠାରେ ସବୁକିଛି କ୍ରୟ କରାଯାଇପାରେ ।

ଅବଶ୍ୟ ଗରିବ ଶ୍ରେଣୀର ଲୋକମାନଙ୍କର ଏଠାରେ ସ୍ଥାନ ନାହିଁ । ତେଣୁ ବଳସ୍ତ ବିଶିଷ୍ଟ ଧନବାନ୍ ବ୍ୟକ୍ତି ତଥା ବିଦେଶାଗତ ବିଶିଷ୍ଟ ଅତିଥି ଓ ଟୁରିଷ୍ଟମାନଙ୍କର ଭିଡ଼ ସବୁବେଳେ ଏଠାରେ ଲାଗି ରହିଛି ।

ରାତ୍ରୀ ହେଲେ ଏଇ ହୋଟେଲ୍ ଦେହରେ ଯେପରି ରଙ୍ଗ ଲାଗେ । ଅଦ୍ଭୁତ ଲୋଭନୀୟ ଅଦ୍ଭୁତ ଆକର୍ଷଣୀୟ ହୋଇଯାଏ ତାର ଗ୍ରାହକମାନଙ୍କ ନିକଟରେ । ଜୁଆଘର, ନାଚଘର; କାର୍ ପାର୍କ ଆରମ୍ଭ କରି ସ୍ୱତନ୍ତ୍ର କୋଠରୀ ପର୍ଯ୍ୟନ୍ତ ସବୁ ସରଗରମ ହୋଇ ଉଠେ ।

ଆଜି ଏଇ ହୋଟେଲକୁ ଅଦ୍ଭୁତ ସୁନ୍ଦର ଭାବେ ସଜ୍ଜିତ କରାଯାଇଛି । କାରଣ ସ୍ୱରାଷ୍ଟ୍ରମନ୍ତ୍ରୀ ରାୟ ବାହାଦୁର ଗୋପାଳ ଚୌଧୁରୀଙ୍କ ପାର୍ଟି । ତେଣୁ ହୋଟେଲର ସମସ୍ତ କର୍ମଚାରୀତ ଦୂରର କଥା ସ୍ୱୟଂ ମାଲିକ ମଧ୍ୟ ଚଞ୍ଚଳ ଓ କାର୍ଯ୍ୟବ୍ୟସ୍ତ ହୋଇ ପଡ଼ିଥିବାର ଲକ୍ଷ୍ୟ କରାଯାଉଛି ।

ସମୟ ଆଠଟା ବାଜି କୋଡ଼ିଏ ମିନିଟ୍ । ଆଲୋକ ସୁସଜ୍ଜିତ ଗ୍ରାଣ୍ଡ ହୋଟେଲର ମୁଖ୍ୟ ଦରଜା । ଦରଜା ପାଖରେ ଠିଆ ହୋଇଛନ୍ତି ହୋଟେଲର ସୁଶିକ୍ଷିତ ଓ ବର୍ଦ୍ଦିଯୁକ୍ତ ଦରୱାନ ।

ଅତିଥିମାନେ ଜଣ ଜଣ କରି ଆସିବାକୁ ଆରମ୍ଭ କରିଛନ୍ତି । ସମସ୍ତେ ପ୍ରାୟ ଉଚ୍ଚପଦସ୍ଥ ଅଫିସର । ହୋଟେଲର କାର୍ ପାର୍କିଂ ନିକଟରେ ଅନେକ ଗୁଡ଼ାଏ ମୂଲ୍ୟବାନ କାର୍ ଆସି ଜମି ଗଲାଣି ।

ରାୟ ବାହାଦୁରଙ୍କର ପ୍ରାଇଭେଟ ସେକ୍ରେଟେରୀ ହରିନାରାୟଣ ଦରଜା ନିକଟରେ ଠିଆ ହୋଇ ଆଗନ୍ତୁକ ଅତିଥିମାନଙ୍କୁ ସ୍ୱାଗତ କରୁଥିଲେ ।

ପ୍ରାୟ ସମସ୍ତେ ଆସି ଗଲେଣି । ଆଉ ବୋଧହୁଏ କାହାର ଆସିବାର ନାହିଁ । ଏଥର ପାର୍ଟି ଆରମ୍ଭ ହେବ । ଏଇଆ ଚିନ୍ତାକରି ହରିନାରାୟଣ ଭିତର ପଶିବାକୁ ବାହାରିଥିଲେ । କିନ୍ତୁ···ପାଦ ଦୁଇଟି ଅଟକିଗଲା ।

ଦେଖିଲେ ଏକ ଝକଝକ ବିଦେଶୀ ଗାଡ଼ି ନିଃଶବ୍ଦରେ ଆସି ଦରଜା ନିକଟରେ ବ୍ରେକ୍ କଷିଲା । ତାପରେ ସେଥିରୁ ଶୀତତାପ

Deb's Library Corner...

ନିୟନ୍ତ୍ରିତ ଗାଡ଼ି ଭିତରୁ ଓହ୍ଲାଇ ଆସିଲେ ଜଣେ ସୁବେଶଧାରୀ ଆମେରିକାନ ଯୁବକ । ସାଥିରେ ଜଣେ ରୂପସୀ ଯୁବତୀ । ଚମତ୍କାର ଚେହେରା ଉଭୟଙ୍କର । ଦେଖିଲେ ଆଖି ଫେରାଇବାକୁ ଇଚ୍ଛା ହୁଏନା ।

ଇତି ମଧ୍ୟରେ ହରିନାରାୟଣଙ୍କ ଆଖି ପଡ଼ିସାରିଥିଲା କାର ଦେହରେ ଅଙ୍କିତ ବିଦେଶୀ ଦୂତାବାସର ଛାପ ଉପରେ । କାରଟି ଆମେରିକାନ ଦୂତାବାସର ଏବଂ ଏଇ ଯୋଡ଼ି ବି ଆମେରିକାନ ଦୂତାବାସର ଉଚ୍ଚପଦସ୍ଥ ଅଧିକାରୀ ସେକଥା ବୁଝିବା ନିମନ୍ତେ ହରିନାରାୟଣଙ୍କର ଆଦୌ ବିଳମ୍ବ ହେଲା ନାହିଁ ।

ସେ ମୁହୂର୍ତ୍ତରେ ହସ ଫୁଟାଇ ଧାଇଁ ଆସିଲେ ଏଇ ଯୁବକ ଯୁବତୀଙ୍କ ପାଖକୁ । ସେମାନଙ୍କୁ ସସମ୍ମାନେ ପାଛୋଟି ଆଣିଲେ ହଲ ଭିତରକୁ ।

ଯୁବକ ଆମେରିକାନ ଦୂତାବାସର ଫାଷ୍ଟ ସେକ୍ରେଟେରୀ ଡେଭିଡ୍ ବ୍ରାଉନ୍ ଏବଂ ଯୁବତୀ ଜଣକ ତାଙ୍କର ସଦ୍ୟ ବିବାହିତା ପତ୍ନୀ ରେଜି ବ୍ରାଉନ ।

ଡେଭିଡ୍ ଏବଂ ରେଜି ଉଭୟ, ହରିନାରାୟଣଙ୍କ ପଛେ ପଛେ ଆସି ହଲ ମଧ୍ୟରେ ଉପସ୍ଥିତ ହେଲେ । ହଲ୍‌ର ଦରଜା ନିକଟରେ ଠିଆହୋଇ ଥରେ ଶାନ୍ତ ଏବଂ ସତର୍କ ଦୃଷ୍ଟି ବୁଲାଇ ଆଣିଲେ ହଲ୍ ଭିତରେ । ପ୍ରାୟ ପଚାଶ ଜଣ ପାଖାପାଖି ଅତିଥି ହଲ୍ ମଧ୍ୟରେ ଉପସ୍ଥିତ ଅଛନ୍ତି । ସେମାନଙ୍କ ମଧ୍ୟରୁ ନାରୀଙ୍କ ସଂଖ୍ୟା ପ୍ରାୟ ଅର୍ଦ୍ଧେକରୁ ବେଶୀ । ପାର୍ଟି ବୋଧହୁଏ ଏଥର ଆରମ୍ଭ ହେବ ।

ରାୟବାହାଦୁର ଏବଂ ତାଙ୍କର ପୁତ୍ର ଓ ପୁତ୍ରବଧୂ ସମସ୍ତେ ସାମନାରେ ଏକ ସୁସଜ୍ଜିତ ସୋଫା ଉପରେ ବସିଛନ୍ତି । ଅତିଥି-ମାନଙ୍କ ମଧ୍ୟରୁ ସମସ୍ତେ ପ୍ରାୟ ସହରର ମାନ୍ୟଗଣ୍ୟ ବ୍ୟକ୍ତି ।

ଡେଭିଡ୍‌ର ଆଖି ଏଥର ଆସି ସ୍ଥିର ହେଲା ଶମ୍ଭୁବାହାଦୁରଙ୍କ ପୁତ୍ରବଧୂ ସୀତା ଉପରେ । ବୟସ ପଚିଶି ଛବିଶି ବର୍ଷ ଭିତରେ । ଦେଖିବାକୁ ସାମାନ୍ୟ ସୁନ୍ଦରୀ, ସୁଶିକ୍ଷିତା । ସୀତାର ଗଳା ଉପରେ ଆଖି ପଡ଼ିବାକ୍ଷଣି ଚମକି ଉଠିଲା ଡେଭିଡ୍‌ । ଏକ ବଡ଼ ଲକେଟ ଥିବା ସୁନା ହାର । ଆଲୋକ ପଡ଼ି ଜଳି ଉଠୁଛି ଯେମିତି ।

ମୁହୂର୍ତ୍ତକ ନିମନ୍ତେ ଡେଭିଡ୍‌ ଆଖିରେ ଏକ ବିଚିତ୍ର ଭାବ ଫୁଟି ଉଠି ପୁନର୍ବାର ମିଳାଇଗଲା ।

ଶମ୍ଭୁବାହାଦୁରଙ୍କ ନିକଟରୁ ଟିକିଏ ଦୂରରେ ଠିଆହୋଇ ଜଣେ ବୃଦ୍ଧ ସିଗାରେଟ୍‌ ଟାଣୁଛନ୍ତି । ମଝିରେ ମଝିରେ ବିବ୍ରତ ହୋଇ ଚାହୁଁଛନ୍ତି ଏଣେତେଣେ, ହୁଏତ ପାର୍ଟିର ବିଳମ୍ବ ନିମନ୍ତେ । ବୃଦ୍ଧଙ୍କ ମୁହଁରେ ଘନ ଦାଢ଼ୀ ନିଶ, ଦେହରେ ଦାମୀ ସୁଟ୍‌ । ଆଖିରେ ଚଷମା ।

କିନ୍ତୁ...

ନା, ଡେଭିଡ୍‌ ଚିହ୍ନିବା ନିମନ୍ତେ କୌଣସି ଅସୁବିଧା ହେଲା ନାହିଁ । ଏହି ବୃଦ୍ଧଜଣକ ଆଉ କେହି ନୁହନ୍ତି । ବୃଦ୍ଧର ଛଦ୍ମବେଶରେ ବିଖ୍ୟାତ ଗୋଇନ୍ଦା ଅଫିସର ବିଜୟ ବାବୁ । ତାହେଲେ...ଡେଭିଡ୍‌ ଓଠରେ ଏକ ରହସ୍ୟମୟ ହସ ଫୁଟି-ଉଠିଲା । ବିଜୟ ବାବୁ ତାହେଲେ ଯଥା ସମୟରେ ଆସି ପହଞ୍ଚି ଯାଇଛନ୍ତି ।

ଡେଭିଡ୍‌ ଏଥର କରଣେଇ ଚାହିଁଲା ସେଠ ଆଡ଼କୁ । ସେଠ ଇତିମଧ୍ୟରେ ହଲ୍‌ରେ ଉପସ୍ଥିତ ଅନ୍ୟାନ୍ୟ ମହିଳାମାନଙ୍କ ସହିତ ନିଜକୁ ବେଶ୍‌ ଭଲ ଭାବରେ ମିଶାଇ ନେଇଛି । ସମସ୍ତେ ଆଳାପ ଆଲୋଚନାରେ ନିମଗ୍ନ ।

ତେଣୁତ୍ ଥରେ ନିଜର ରିଷ୍ଟୱାଚ ଉପରେ ଦୃଷ୍ଟି ବୁଲାଇ ଆଣିଲା। ତାପରେ ଆଉ ଥରେ ବୁଲିଲା ଅନ୍ୟମାନଙ୍କ ଆଡ଼କୁ। ନା, ତା ଉପରେ କାହାରି ହେଲେ ନଜର ନାହିଁ। ମନେ ମନେ ନିଶ୍ଚିନ୍ତ ହେଲା ସେ।

ପାର୍ଟି ଏଥର ଆରମ୍ଭ ହେବ। ସମସ୍ତେ ଆସି ହଲ୍ ମଧ୍ୟସ୍ଥିତ ଏକ ସୁସଜ୍ଜିତ ସ୍ଥାନରେ ଉପସ୍ଥିତ ହେଲେ। ଅର୍କେଷ୍ଟ୍ରାର ମଧୁର ମୂର୍ଚ୍ଛନା। ତା ସହିତ ହସ ଖୁସି, କଳରବ। କଣ୍ଟା ଚମ୍ମଚରେ ଠୁଂ ଠାଂ ଶବ୍ଦ। ବାତାବରଣରେ ମହକାଉ ବିଦେଶୀ ଗନ୍ଧ। ଉପସ୍ଥିତ ଅତିଥି ବୃନ୍ଦ ସମସ୍ତେ ପାନରତ।

ବିଜୟ ବାବୁ ଗୋଟିଏ ସ୍ଥାନରେ ଠିଆହୋଇ ରହି ପାରିଲେ ନାହିଁ। ଅରେଞ୍ଜ ସ୍କ୍ୱାସ ହାତରେ ଧରି ସେ ହଲ୍ ମଧ୍ୟରେ ଏଣେ ତେଣେ ବୁଲି କଣ ସେପରି ଦେଖିବାକୁ ଆରମ୍ଭ କଲେ। ତେବେ ମୁଖ୍ୟତଃ ତାଙ୍କର ଦୃଷ୍ଟି ରାୟ ବାହାଦୂରଙ୍କ ସୁଟକେସ୍‌ଟା ଉପରେ ହିଁ ନିବଦ୍ଧ।

କେଉଁଠାରେ ହେଲେ କୌଣସି ପ୍ରକାର ଗୋଳମାଳ ବା ବିପଦ ଆଶଙ୍କା ବିଜୟ ବାବୁ ଅନୁଭବ କରି ପାରିଲେ ନାହିଁ। ପାର୍ଟିରେ ଉପସ୍ଥିତ ଅତିଥିମାନଙ୍କ ମଧ୍ୟରୁ ସନ୍ଦେହ କରିବା ଭଳି କାହାକୁ ମଧ୍ୟ ସେ ଦେଖିବାକୁ ପାଇଲେ ନାହିଁ। ବିଜୟ ବାବୁ ଏଥର ନିଃସନ୍ଦେହ ହୋଇ ପାର୍ଟିର ମଧ୍ୟସ୍ଥଳକୁ ଫେରିଆସିଲେ।

କିନ୍ତୁ ରାୟ ବାହାଦୂରଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ତାଙ୍କ ଆଗରେ ଆସି ଜଣେ ବେହେରା ଠିଆ ହେଲା। ମନେ ହେଲା ବେହେରାଟି ତରବର ହୋଇ ଆସିଛି ଧଇଁସଇଁ ହୋଇ।

ବିଜୟ ବାବୁଙ୍କ ସାମନାରେ ଠିଆହୋଇ ବେହେରାଟି ଧୀର ଅଥଚ ନମ୍ର କଣ୍ଠରେ କହିଲା—ସାର୍ !

ଅବାକ ହେଲେ ବିଜୟ ବାବୁ—କଣ ?

ଆପଣଙ୍କର ଫୋନ୍ ଆସିଛି, ଆଇ: ଜି ସାହେବଙ୍କର ।

ବିଜୟ ବାବୁ ଆହୁରି ବିସ୍ମିତ ହେଲେ । ଆଇ: ଜି: ସାହେବଙ୍କର ହଠାତ୍ ଏଠାକୁ ଏମିତି ଫୋନ୍ କରିବାର କଣ ଦରକାର ପଡ଼ିଲା । ସେ ଯାହାହେଉ ଏସବୁ ଚିନ୍ତା କରିବାର ଅବକାଶ ମଧ୍ୟ ସେ ପାଇ ପାରିଲେ ନାହିଁ ! ସମ୍ବାଦ ଜଣାଇ ଦେଇ ବେହେରା ଇତି ମଧ୍ୟରେ ଚାଲି ଯାଇଛନ୍ତି ।

ବିଜୟ ବାବୁ ହତଭମ୍ବ ମନରେ ଦ୍ରୁତପଦରେ ଆଗେଇ ଗଲେ କାଉଣ୍ଟର ଆଡ଼କୁ । ସେଇଠାରେ ହିଁ ଫୋନ୍ ରହିଛି ।

ଆଉ ଠିକ୍ ସେଇ ସମୟରେ···ଚମକି ଉଠିଲେ ବିଜୟବାବୁ । ହଲ୍‌ର ସମସ୍ତ ଆଲୋକ ହଠାତ୍ ଲିଭିଗଲା । ଚତୁର୍ଦ୍ଦିଗରେ ଛାଇଗଲା ଗାଢ଼ ଅନ୍ଧକାର । ପର କ୍ଷଣରେ ହଲ୍ ମଧ୍ୟରୁ ଉପସ୍ଥିତ ଅତିଥି-ମାନଙ୍କ ମଧ୍ୟରୁ କେହି କେହି ପାଟି କରି ଉଠିଲେ ।

ରାୟ ବାହାଦୁରଙ୍କର ଗମ୍ଭୀର କଣ୍ଠ ଶୁଣାଗଲା—ପ୍ଲିଜ୍ ! ଆପଣମାନେ ଦୟାକରି ଚୁପ୍‌ଚାପ ବସନ୍ତୁ । ଅଧୈର୍ଯ୍ୟ ହେବାର କିଛି ନାହିଁ । ଲାଇଟ୍ ବର୍ତ୍ତମାନ ଜଳି ଆସିବ ।

କିନ୍ତୁ ତାଙ୍କର କଣ୍ଠ ସ୍ୱରକୁ ଚପାଇ ଦେଇ ହଲ୍ ମଧ୍ୟରେ ଆଉ ଏକ ନାରୀ କଣ୍ଠର ଚିତ୍କାର ଗୁଞ୍ଜି ଉଠିଲା । ସେଇ କଣ୍ଠସ୍ୱର ରାୟ ବାହାଦୁରଙ୍କ ପୁତ୍ରବଧୂ ସୀତା ବ୍ୟତୀତ ଅନ୍ୟ କାହାର ନୁହେଁ ।

ବିଜୟ ବାବୁ ସେପରି ବିଦ୍ୟୁତ ସ୍ପର୍ଶ ପାଇଗଲେ । ଚଞ୍ଚଳ ହୋଇ ଉଠିଲେ ସେ । ମୁହୂର୍ତ୍ତକ ମଧ୍ୟରେ ତାଙ୍କ ହାତରେ ଝଲସି ଉଠିଲା ଏକ କ୍ଷୁଦ୍ର ଶକ୍ତିଶାଳୀ ରିଭଲଭର । ବିଜୟ ବାବୁ ରିଭଲଭର୍ ହସ୍ତରେ ସେଦିଗକୁ ଆଗେଇବାକୁ ଆରମ୍ଭ କଲେ ।

ବେଶ୍ ଭିଡ଼ । ଦୌଡ଼ାଦୌଡ଼ ଆରମ୍ଭ ହୋଇ ଗଲାଣି । ପ୍ରତ୍ୟେକ ଏହି ଅନ୍ଧକାର ମଧ୍ୟରେ ନିଜକୁ କୌଣସି ଏକ ସୁରକ୍ଷିତ ସ୍ଥାନରେ ପହଞ୍ଚାଇ ଦେବା ନିମନ୍ତେ ବ୍ୟଗ୍ର ।

କୌଣସି ପ୍ରକାରେ ଭିଡ଼ ଠେଲି ଠେଲି ବିଜୟ ବାବୁ ଚିତ୍କାର ଶୁଣା ପାଉଥିବା ସ୍ଥାନକୁ ଲକ୍ଷ୍ୟକରି ଛୁଟି ଚାଲିଲେ । କିନ୍ତୁ ସେହି ସମୟରେ ଅନ୍ଧକାର ମଧ୍ୟରେ ଆଉ ଏକ ଘଟଣା ଘଟିଗଲା । ବିଜୟ ବାବୁଙ୍କ ପାଦ ଦୁଇଟି ଅଚାନକ ଭାବେ ଥମିଗଲା ।

ନିଜର କାନ୍ଧ ଉପରେ କାହାର ଶକ୍ତ ହସ୍ତର କଠିନ ସ୍ପର୍ଶ ଅନୁଭବ କଲେ ସେ । ବୁଝିବା ପୂର୍ବରୁ ତାଙ୍କ କାନରେ ବାଜିଲା ଏକ ଗମ୍ଭୀର କଣ୍ଠସ୍ୱର—ଚୁପ୍‌ଚାପ୍ ଠିଆହୋଇ ରହନ୍ତୁ ବିଜୟ-ବାବୁ ! ମୋ ହାତରେ ରିଭଲଭର୍ ରହିଛି, ଯେକଥା ନିଶ୍ଚୟ ବୁଝି ଥିବେ । ତେଣୁ ଅଯଥା ମୃତ୍ୟୁ ବରଣ କରିବେ କାହିଁକି ?

ବିଜୟ ବାବୁ ନିରୁପାୟ ।

ଅନ୍ୟ କିଛି ଚିନ୍ତା କରିବା ପୂର୍ବରୁ ଆତତାୟୀ ଜଣକ ତାଙ୍କ ହାତରୁ ରିଭଲଭର୍ ଛଡ଼ାଇ ନେଇଗଲା । ତାପରେ ତାଙ୍କୁ ଧୀରେ ଧୀରେ ଟାଣି ଆଣିଲା ଗୋଟାଏ ପାଖକୁ । ବିଜୟ ବାବୁ ଆଉ କିଛି ବୁଝିବା ପୂର୍ବରୁ ଏକ ଶକ୍ତିଶାଳୀ ରିଭଲଭର୍ର ବଟ୍ ଆସି ବାଜିଲା ତାଙ୍କ ମୁଣ୍ଡରେ । ଅଚେତନ ହୋଇ ସେ ତଳ ପଡ଼ିଲେ ।

କାଳ ବିଳମ୍ବ ନ କରି ଆତତାୟୀ ଦୁଇ ହାତରେ ତାଙ୍କୁ ଟେକିନେଇ ଗୋଟାଏ ସୋଫା ଉପରେ ଶୁଆଇଦେଲା ।

ଅନ୍ଧକାର ମଧ୍ୟରେ ଏହି ଘଟଣା ଘଟିବା ନିମନ୍ତେ ପ୍ରାୟ ଦୁଇମିନିଟରୁ ଅଧିକ ସମୟ ଲାଗିଲା ନାହିଁ । ବିଜୟ ବାବୁଙ୍କ ମୁଣ୍ଡରେ ଆଘାତ କରି ଆତତାୟୀ ଦ୍ରୁତ ପଦରେ ଛୁଟି ଚାଲିଲା ସଦର ଦରଜା ଆଡ଼କୁ । ଭିଡ଼ ଠେଲି ଠେଲି ସେ କୌଣସି ପ୍ରକାରେ ବାହାରେ ଆସି ପହଞ୍ଚିଲା ।

ତାପରେ ଏକ ପ୍ରକାର ଦଉଡ଼ ଏବଂ ସେ ଉପସ୍ଥିତ ହେଲା ଏକ କାର୍ ନିକଟରେ । ସେଇ ଶୀତତାପ ନିୟନ୍ତ୍ରିତ କାର୍ଟି ଆମେରିକାନ୍ ଦୂତାବାସର । ଅତର୍କିତେ ଆଉ କାଳ ବିଳମ୍ବ ନ କରି କାର୍ର ଲକ୍ ଖୋଲି ଡ୍ରାଇଭିଂ ସିଟ୍‌ରେ ଆସି ବସି ପଡ଼ିଲା । ତାପରେ କାର୍ ଷ୍ଟାର୍ଟ ହୋଇ ଛୁଟି ଚାଲିଲା ବାହାରକୁ । ସାରା ହୋଟେଲ୍ ବୁଡ଼ି ରହିଛି ଅନ୍ଧକାର ମଧ୍ୟରେ । ତେଣୁ ଏ ଘଟଣା ସ୍ପଷ୍ଟ କାହାରି ଆଖିରେ ପଡ଼ିଲା ନାହିଁ ।

କାର୍ ଆସି ହୋଟେଲ ପଛରେ ଥିବା ଏକ ଉଚ୍ଚ ପ୍ରାଚୀର ନିକଟରେ ଅଟକିଲା ।

ହୋଟେଲଟି ଅନ୍ଧକାର ମଧ୍ୟରେ ବୁଡ଼ି ରହିଛି ।

ଦେଖାଗଲା ହୋଟେଲର ପଛପାଖ ଦରଜା ଦେଇ କେହି ଜଣେ ଦ୍ରୁତ ପଦରେ ବାହାରକୁ ବାହାରି ଆସିଲା । କାନ୍ଧ ଉପରେ ତାର କୌଣସି ମନୁଷ୍ୟର ଅଚେତନ ଦେହ । ଆଗନ୍ତୁକ ଦ୍ରୁତ ପଦରେ ଆଗେଇ ଆସି ପ୍ରାଚୀର ନିକଟରେ ପହଞ୍ଚିଲା । ତାପରେ ସେହି ଅଚେତନ ମନୁଷ୍ୟକୁ କାନ୍ଧ ଉପରେ ନେଇ ଅବଲୀଳା କ୍ରମେ ପ୍ରାଚୀର ଲୁଦପଡ଼ିଲା । ଆଶ୍ଚର୍ଯ୍ୟ ! ଲୋକଟି ଦେଖାଉ ଏସବୁ କାର୍ଯ୍ୟରେ ସମ୍ପୂର୍ଣ୍ଣ ଅଭ୍ୟସ୍ତ ଭଳି ମନେହେଲା ।

ଅନ୍ଧକାର ମଧ୍ୟରେ ଚମକି ଉଠିଲା ଲୋକଟିର ଆଖି ଦୁଇଟି । ସତର୍କ ଏବଂ ତୀକ୍ଷ୍ଣ ଦୃଷ୍ଟି ସେ ଆଗରେ ପଛରେ ବୁଲାଇ ଆଣିଲା । ଆମେରିକାନ ଦୂତାବାସର ସେହି କାର୍ଟି ରହିଛି ଆଗରେ । ଲୋକଟି ସେଇ ଆଡ଼କୁ ଆଗେଇଗଲା ।

ଅଳ୍ପ କେଇ ସେକେଣ୍ଡ ମଧ୍ୟରେ କାର୍ ନିକଟରେ ପହଞ୍ଚିଗଲା ସେ । କାରର ଦରଜା ଖୋଲା ହୋଇ ରହିଛି ।

ଲୋକଟି ଆଗେଇ ଆସି କାର୍‌ର ପଛ ସିଟ୍‌ରେ ମନୁଷ୍ୟଟିକୁ ଶୁଆଇ ଦେଲା । ତାପରେ ଦରଜା ବନ୍ଦକରି ନିଜେ ଆସି ବସିଲା ଆଗ ସିଟ୍‌ରେ ।

ଅପେକ୍ଷ ଡ୍ରାଇଭିଙ୍ଗ ସିଟ୍‌ରେ ବସିଥିବା ବ୍ୟକ୍ତି ଚଞ୍ଚଳ ହୋଇ ଉଠିଲା । ଭୀତ କଣ୍ଠରେ ସେ କହିଲା—ଓ: କେ ?

ଆଗନ୍ତୁକ ମୃଦୁ ହସି କହିଲା—ରବର୍ଟ କୌଣସି କାର୍ଯ୍ୟରେ କେବେହେଲେ ଡେରି ହୁଏନା ମିସ୍ ହେଲେନ ! କାର୍ ଷ୍ଟାର୍ଟ କର ।

ବର୍ତ୍ତମାନ ବୁଝିହେଲା କାର୍‌ର ଚାଳକ ଆସନରେ ବସିଥିବା ଲୋକଟି ହେଲେନ ବ୍ରାଉନ ବ୍ୟତୀତ ଅନ୍ୟ କେହି ନୁହେଁ ଏବଂ ଅନ୍ୟ ଲୋକଟି ରବର୍ଟ ।

ପ୍ରକୃତରେ କୋବ୍ରା ଦଳର ରବର୍ଟ ଏବଂ ହେଲେନ ଅମେରିକାନ୍ ଦୂତାବାସର ପାର୍ଟି ଯେନତେନେଷ୍ଠ ଏବଂ ତାଙ୍କର ଡ୍ରାଇଭର ଛଦ୍ମ-ବେଶରେ ଏଠାରେ ଆସି ପହଞ୍ଚିଲେ ନିଜର କାର୍ଯ୍ୟ ହାସଲ ନିମନ୍ତେ । ପଛ ସିଟରେ ଅଚେତନ ଅବସ୍ଥାରେ ପଡ଼ିଥିବା ଯୁବତୀ ଜଣେକ ଗୃହମନ୍ତ୍ରୀ ରଘୁବାହାଦୁର ପାଣ୍ଡେଙ୍କ ପୁତ୍ରବଧୂ ସୀତା ବ୍ୟତୀତ ଅନ୍ୟ କେହି ନୁହେଁ ।

ବିଜୟ ବାବୁଙ୍କୁ ଅଜ୍ଞାତ ଦେଇ ହୋଟେଲ ସାମନାରୁ କାର୍‌କୁ ଯେଉଁ ନେଇ ଆସିଥିଲା ଏଠିକି ଏବଂ ରବର୍ଟ ଓରଫ୍ ଡେଭିଡ୍, ସୀତାକୁ ଅପହରଣ କରି ଏଠାକୁ ଆସିଛି ।

କାର୍ ଷ୍ଟାର୍ଟ ହେଲା । ତାପରେ ତୀବ୍ର ବେଗରେ ରାଜରାସ୍ତା ଅତିକ୍ରମ କରି ଦୌଡ଼ିବାକୁ ଲାଗିଲା ମୁଖ୍ୟ ରାସ୍ତା ଉପରେ ।

ଶୀତ ବୋଧହୁଏ ଗୋଟାକରୁ କିଛି ଅଧିକ ହେବ । କୋହଲ ଭାଗ ସେହିଭଳି ଲାଗି ରହିଛି । ମଝିରେ ମଝିରେ ଅନବରତ ଲେଖାଏଁ ବର୍ଷା ହୋଇଯିବା ଫଳରେ ଥଣ୍ଡା ଆହୁରି ବହୁ ପରିମାଣରେ ବୃଦ୍ଧି ପାଇଛି ।

ରାସ୍ତାଘାଟ ଅନେକ ପୂର୍ବରୁ ନିର୍ଜନ ହୋଇ ସାରିଛି । ତାଛଡ଼ା ଏଭଳି ଦୁର୍ଯ୍ୟୋଗମୟ ରାତିରେ ଗୋଟାଏ ବେଳେ କିଏ ବା' ଆଉ ଝାଙ୍କି ବାହାରକୁ ବାହାରନ୍ତା !

କିନ୍ତୁ ଦେଖାଗଲା ଜଣେ ବ୍ୟକ୍ତି ଦ୍ରୁତ ପଦରେ ରାସ୍ତା ଉପର ଦେଇ ଅଗେଇ ଚାଲିଛି । ଲୋକଟି ଦୀର୍ଘକାୟ । ଦେହରେ 'ଗାଢ଼ କଳା ରଙ୍ଗର ଲଙ୍ଗ୍ କୋଟ । ମୁଣ୍ଡରେ ଫେଲ୍ଟହ୍ୟାଟ୍ ଝୁଙ୍କି ଆସିଛି କପାଳର ଅନେକ ଉପରକୁ ।

ଏକ କଥାରେ କହିବାକୁ ଗଲେ ନିଜର ସାରା ଦେହକୁ ଗରମ ପୋଷାକ ମଧ୍ୟରେ ସେ ଢାଙ୍କି ରଖିଛି । ଦେଖିଲେ ଚିହ୍ନି ପାରିବାର ଉପାୟ ନାହିଁ । ଲୋକଟି ମଝିରେ ମଝିରେ ମୁଣ୍ଡଟେକି ରାସ୍ତା ଧାରରେ ଥିବା ଘର ଗୁଡ଼ିକ ଉପରେ ଆଖି ବୁଲାଇ ଆଣୁଛି । ତାପରେ ପୁନର୍ବାର ଅଗେଇ ଚାଲିଛି ଦ୍ରୁତ ପଦରେ ।

ଏକ ସମୟରେ ଏକ ଗଳି ରାସ୍ତା ନିକଟରେ ପହଞ୍ଚି ଲୋକଟିର ପାଦ ଦୁଇଟି ଥମିଗଲା । ପରେ ମୁହଁ ବୁଲାଇ ସେ ପଛକୁ ଚାହିଁଲା !

ନା, କେହି କୁଆଡ଼େ ନାହାନ୍ତି । ପଥର ଗଳି ଭିତରେ ପ୍ରବେଶ କଲା ସେ । ଗଳି ଭିତର ଅନ୍ଧକାର । ନିର୍ଜନ ଗଳି ରାସ୍ତା । ଲୋକଟିର ଚାଲିରୁ ଜଣାହେଲା ରାସ୍ତାଟିର ପ୍ରତ୍ୟେକ ଅଂଶ ଯେପରି ତା ନିକଟରେ ଭଲ ଭାବରେ ପରିଚିତ । ନିର୍ଦ୍ୱନ୍ଦରେ

ସେହି ଗାଢ଼ ଅନ୍ଧକାର ମଧ୍ୟରେ ଆଗକୁ ଚାଲିଲା ଲୋକଟି । ପ୍ରାୟ ଛଅ ସାତ ମିନିଟ୍ ଧରି ସେ ଚାଲିବା ପରେ ଏକ ସ୍ଥାନରେ ଅଟକି ଗଲା । ସାମନାରେ ଏକ ଭଙ୍ଗାଘର ।

ଘରର ଅବସ୍ଥା ଦେଖିଲେ ମନେହୁଏ ଯେ, କୌଣସି ମୁହୂର୍ତ୍ତରେ ଘରଟା ମାଟି ଉପରେ ଭାଙ୍ଗିପଡ଼ିବ । ଅତଏବ ସେଘରକୁ ଦେଖିବା ପରେ ଯେ କେହି ବି ମାଲିକଙ୍କର ଦୁର୍ଦ୍ଦଶା ସମ୍ପର୍କରେ ଧାରଣା ଲାଭ କରିପାରିବ । ସେହି ଭଙ୍ଗାଘରର ସାମନାରେ ଲୋକଟି ଆସି ଅଟକି ଗଲା । କେହି କୁଆଡ଼େ ନାହାନ୍ତି । ବାରଣ୍ଡା ଉପରକୁ ଉଠିଆସିଲା ଲୋକଟି ।

ଦରଜା ଠକ୍ ଠକ୍ କରିବାକୁ ଲାଗିଲେ । ଥରେ, ଦୁଇଥର, ସାଙ୍କେତିକ ଶବ୍ଦ । ଭିତରେ ସବୁ ଚୁପ୍‌ଚାପ୍ । ନୀରବରେ ଠିଆ ହେଲା ଆଗନ୍ତୁକ ।

ହଠାତ୍ ଦରଜାର ଏକ ଅଂଶ ଗୋଟାଏ ଛିଦ୍ର ଖୋଲାହେବା ଦେଖାଗଲା ।

ଦରଜା ସେପାଖରେ ଜଣେ ବୁଢ଼ା ବ୍ୟକ୍ତିର ମୁହଁ ଦେଖାଗଲା । ଗମ୍ଭୀର ଭୟଙ୍କର ମୁଖମଣ୍ଡଳ । ଲୋକଟି ରୁକ୍ଷ କଣ୍ଠରେ କହିଲା, କିଏ ?

ଆଗନ୍ତୁକ ଗମ୍ଭୀର କଣ୍ଠରେ ଉତ୍ତର ଦେଲା—ଜଙ୍ଗ୍ ।

ଭିତରେ ଥିବା ଲୋକଟି କହିଲା—ଅପରେସନ ?

ଆଗନ୍ତୁକ କହିଲା—'କୋବ୍ରା ଜଙ୍ଗ୍ ।'

ଏଥର ସବୁ ଚୁପ୍‌ଚାପ୍ । ଘରର ଦରଜା ଖୋଲିଗଲା । ଆଗନ୍ତୁକ ପ୍ରବେଶ କଲା ଭିତରେ । ଭିତରକୁ ଯିବା ମାତ୍ରେ ଦରଜା ପୂର୍ବଭଳି ବନ୍ଦ ହୋଇଗଲା ।

ଭିତରେ ଥିବା ସେହି ନିଗ୍ରୋ ବୃଦ୍ଧ, ଆଲ୍ଲେକକୁ ଦେଖି ତାକେ ଅଣ୍ଟେଇପଡ଼ି ଅଭିବାଦନ ଜଣାଇଲା। ଆଲ୍ଲେକ ମୃଦୁହସି କହିଲା—ସବୁ ଠିକ୍ ତ ଜାମ୍ବୋ ?

ଜାମ୍ବୋ ନାମକ ସେହି ନିଗ୍ରୋ ବିନମ୍ର ଭକ୍ତିଭରା କଣ୍ଠରେ କହିଲା—ହଁ ମାଲିକ !

ଆଲ୍ଲେକ ଏଥର ଘରର ଗୋଟିଏ କୋଣକୁ ଆଗେଇ ଗଲା। ଘର ମଝିରେ ଛୋଟ ଖଟିଆ ପଡ଼ିଛି। ଗୋଟାଏ କୋଣରେ ଛୋଟ ସୁଟ୍‌କେଶଟିଏ। ଆଉ କୌଣସି ଆସବାବପତ୍ର ଘର ଭିତରେ ନାହିଁ କହିଲେ ଚଳେ।

ଆଲ୍ଲେକ ଦ୍ରୁତ ପଦରେ ଆସି ସୁଟ୍‌କେଶ ରଖାଯାଇଥିବା ସ୍ଥାନରେ ଉପସ୍ଥିତ ହେଲା। ସୁଟ୍‌କେଶକୁ ଦୁଇ ହାତରେ ଉଠାଇ ନେବା ପରେ ଦେଖାଗଲା ତା'ତଳେ ଖଣ୍ଡିଏ କାଠପଟା ରହିଛି। କାଠପଟାକୁ ଆଲ୍ଲେକ ଟେକି ଧରିଲା ଦୁଇ ହାତରେ। ପଟା ଖଣ୍ଡିକ ଉଠି ଆସିଲା ଉପରକୁ। ଭିତରେ ଏକ ଗର୍ତ୍ତ। ଧାଡ଼ି ଧାଡ଼ି ହୋଇ କେଇଟି କାଠର ପାହାଚ ତଳକୁ ଲମ୍ବିଯାଇଛି। ଜଣେ ଲୋକ ସୁଛନ୍ଦରେ ସେଇ ରାସ୍ତାଦେଇ ତଳକୁ ଓହ୍ଲାଇଯାଇ ପାରିବ।

ଆଲ୍ଲେକ ଆଉ କାଳବିଳମ୍ବ ନ କରି ସେହି କାଠ ପାହାଚ ଦେଇ ତଳକୁ ଓହ୍ଲାଇବାରେ ଲାଗିଲା। ଆଠଟି ପାହାଚ ଅତିକ୍ରମ କରି ତଳେ ପାଦ ଦେଲା ଆଲ୍ଲେକ। ତଳ ଘର୍‌ଟା ଭୂଗର୍ଭସ୍ଥ କୋଠରି। ଧୀର ପଦରେ ଆଗେଇ ଯାଇ ଆଲ୍ଲେକ ପାହାଚ ପାଖକୁ ଘୁରିଗଲା। ଦେଖାଗଲା ପାହାଚ ଦେହରେ ଗୋଟିଏ ଚେନ୍ ଝୁଲୁଛି। ଆଲ୍ଲେକ ଚେନ୍ ଧରି ସେଥିରେ ଟାଣ ଦେବାକୁ ଲାଗିଲା।

Deb's Library Corner...

ସାମାନ୍ୟ ବଳ ସହ ଶବ୍ଦ ଶୁଣାଗଲା । ତାପରେ ଘର କାନ୍ଥର କିଛି ଅଂଶ ନିଜ ସ୍ଥାନରୁ ଘୁଞ୍ଚିଗଲେ । ସେଠାରେ ଏକ ଦ୍ୱାର ଉନ୍ମୁକ୍ତ ହେଲା । ଯେପରି ଜଣେ ଲୋକ ସହଜରେ ସେହି ଦ୍ୱାର ଦେଇ ଭିତରେ ପ୍ରବେଶ କରି ପାରିବ ।

ଆଗନ୍ତୁକ ଏଥର ଆଗେଇଗଲେ ସେହି ନୂତନ ଦ୍ୱାର ଆଡ଼କୁ । ପରକ୍ଷଣରେ ଦରଜା ଠେଲି ପ୍ରବେଶ କଲେ ଭିତରେ । ଭିତରେ ପର ପର ହୋଇ ତିନୋଟି କୋଠରି । ପ୍ରତ୍ୟେକ କୋଠରିର ଦରଜା ଉପରକୁ ଗୋଟିଏ ଲେଖାଏଁ ପ୍ଲେଟ୍ । ସେଥିରେ ଲେଖା ହୋଇଛି ଏକ, ଦୁଇ, ତିନି । ଆଗନ୍ତୁକ ଧୀର ପଦରେ ଆଗେଇ ଆସି ଠିଆ ହେଲେ ଏକ ନମ୍ବର କୋଠରି ସାମନାରେ । ଓଠରେ ତାର ଏକ ରହସ୍ୟମୟ ହସ ଫୁଟିଉଠି ମିଳାଇଗଲା । ଦରଜାରେ ଧକ୍କା ଦେଲେ ସେ । ଦରଜା ଖୋଲିଗଲା । ଘର ଭିତରେ ଉଜ୍ଜଳ ଆଲୋକ ।

ଦେଖାଗଲେ ଜଣେ ସୁନ୍ଦର ଯୁବକ ଟେବୁଲ ନିକଟରେ ଠିଆହୋଇ କୌଣସି ଏକ ବୈଜ୍ଞାନିକ ପରୀକ୍ଷାରେ ମଗ୍ନ । ଆଗନ୍ତୁକର ପାଦଶବ୍ଦ ଶୁଣି ଚମକି ଉଠିଲେ ସେ । ଘୂରି ପଡ଼ିଲେ । ବିଦ୍ୟୁତ୍ ବେଗରେ ତା ହାତରେ ଝଲସି ଉଠିଲା ଏକ କ୍ଷୁଦ୍ର ଶକ୍ତିଶାଳୀ ଅଟୋମେଟିକ୍ ।

ଶୁଷ୍କ କଣ୍ଠରେ ଗର୍ଜି ଉଠିଲେ—କିଏ ? ଚୁପ୍‌ଚାପ୍ ସେଇଠି ଠିଆହୁଅ ।

ଆଗନ୍ତୁକ ଓଠରେ ହସ । ଯେପରି ଯୁବକର କୌଣସି କଥା ତା କାନରେ ପ୍ରବେଶ କରି ପାରିନାହିଁ । ମୃଦୁ ମୃଦୁ ହସି ଆଗନ୍ତୁକ ଅଟକିଯିବା ପରିବର୍ତ୍ତେ ଧୀରେ ଧୀରେ ଯୁବକ ଆଡ଼କୁ ଆଗେଇ ଆସିଲା ।

ଏଥର ଘର ଭିତରେ ଜଳୁଥିବା ବଲ୍‌ବର ଆଲୋକ ପଡ଼ିଲା ଆଗନ୍ତୁକ ମୂର୍ତ୍ତି ଉପରେ ।

ଉଜ୍ଜ୍ୱଳ ଆଲୋକରେ ଭଲ ଭାବରେ ଚିହ୍ନି ହେଲା । ଆଗନ୍ତୁକ ଦୁର୍ଦ୍ଦାନ୍ତ କୁଖ୍ୟାତ, ଅନ୍ତର୍ଜାତିକ ଧୁରେଲ୍‌ର ଜଗ୍‌ ରବର୍ଟ ବ୍ୟତୀତ ଅନ୍ୟ କେହି ନୁହେଁ । ରବର୍ଟ ଧୀର ପଦରେ ଆଗେଇ ଆସିଲା ଯୁବକ ଆଡ଼କୁ ।

ପରକ୍ଷଣରେ ଆଉ ଏକ ଆଶ୍ଚର୍ଯ୍ୟକର ଘଟଣା ଘଟିଗଲା । ରବର୍ଟର ମୁଖମଣ୍ଡଳରେ ଦୃଷ୍ଟି ପଡ଼ିବା ମାତ୍ରକେ ଯୁବକ ଚମକି ଉଠିଲା । ସେ ଆନନ୍ଦରେ ଆତ୍ମହରା ହୋଇ ଉଠିଲା । ଦ୍ରୁତ ପଦରେ ରବର୍ଟ ନିକଟକୁ ଆଗେଇ ଆସି ତା ପାଦଧୂଳି ନେଇ ମୁଣ୍ଡରେ ଲଗାଇଲା ।

—ଭାଇ !

ରବର୍ଟ ସ୍ନେହରେ ଯୁବକର ମୁଣ୍ଡ ଆଉଁସି ଦେଇ କହିଲା—ହଁରେ ରତନ ! ତୋ ନିକଟରୁ କୌଣସି ସମ୍ବାଦ ନ ପାଇବାରୁ ବାଧ ହୋଇ ଚାଲି ଆସିଲି ।

ରତନ କହିଲା—କିନ୍ତୁ···

ରବର୍ଟ ହସିଉଠି କହିଲା—କଣ ବିପଦ କଥା ଭାବୁଛୁ ?

ରତନକୁ ଇତସ୍ତତଃ ହେବା ଦେଖି ରବର୍ଟ ଗମ୍ଭୀର କଣ୍ଠରେ କହିଲା—ତୋ ଭାଇ ଏତେ ଦୁର୍ବଳ ନୁହେ ରତନ । ଯେକୌଣସି ପ୍ରକାର ବିପଦକୁ ଦସ୍ୟୁ ରଞ୍ଜନ ଖାତିର କରେନା ।

ରତନ ନୀରବ ରହିଲା ।

ଏଥର ବୋଧହୁଏ ପାଠକ-ପାଠିକା ଭଲ ଭାବରେ ବୁଝି ପାରୁଥିବେ, ଏଇ ଛଦ୍ମବେଶଧାରୀ ରବର୍ଟ ପ୍ରକୃତରେ ଦସ୍ୟୁ ରଞ୍ଜନ ବ୍ୟତୀତ ଅନ୍ୟ କେହି ନୁହନ୍ତି । ଅସଲ ରବର୍ଟକୁ ବନ୍ଦୀ କରି,

ଛଦ୍ମବେଶ ଧାରଣ କରି ଦସ୍ୟୁ ରଞ୍ଜନ ଆସି ଯୋଗ ଦେଇଛି 'କୋବ୍ରା' ଦଳରେ ।

ରଞ୍ଜନ ଗୋଟାଏ ଚେୟାର ଟାଣି ତା ଉପରେ ବସି ପଡ଼ିଲା । ତାପରେ ରତନ ଆଡ଼କୁ ଚାହିଁ ପ୍ରଶ୍ନ କଲା—ଆଜି ଅସଲି ରବର୍ଟ ସାହେବଙ୍କ ଖବର କଣ ?

ରତନ କହିଲା—ତାଙ୍କୁ ତ' ଭୂଗର୍ଭ ବନ୍ଦୀଶାଳାରେ ବନ୍ଦୀ କରି ରଖିଛି ।

—କୌଣସି ଗୋଳମାଳ ନାହିଁ ତ ?

—ନା । ତେବେ ବଡରେ ଖୁବ୍ ହତାଶ ହୋଇ ପଡ଼ିଲା ଭଳି ଜଣା ଯାଉଛି ।

—ହୁଁ ।

ରଞ୍ଜନ ହୋ ହୋ ହୋଇ ହସି ଉଠିଲା ।

ରତନ ଇତି ମଧ୍ୟରେ ଫ୍ଲାସ୍କରୁ ସୁରା ଢାଳି ଗୋଟାଏ କପ୍ ବଢ଼ାଇ ଦେଲା ରଞ୍ଜନ ହାତକୁ । ମୃଦୁ ହସି ସୁରା କପ୍ ରତନ ହାତରୁ ନେଇ ରଞ୍ଜନ ଧୀରେ ଧୀରେ ସେଥିରେ ଚୁମ୍ବକ ଦେବାକୁ ଲାଗିଲା ।

ଦୁ' ପାନ ପରେ ରତନ ପ୍ରଶ୍ନ କଲା—ଆଚ୍ଛା ଭାଇ ! ଆପଣ କେତେଦୂର ଆଗେଇଲେଣି ?

ରଞ୍ଜନ କହିଲା—ଖୁବ୍ ବେଶୀ ନ ହେଲେ ମଧ୍ୟ ମନ୍ଦ ନୁହେଁ । ଅସଲି ରବର୍ଟଙ୍କୁ ଏୟାରପୋର୍ଟରୁ ବନ୍ଦୀ କରି ନେଇ ଆସିବା ପରେ ମୁଁ ତାର ଛଦ୍ମବେଶରେ ତାର ନିର୍ଦ୍ଦେଶ ଅନୁସାରେ କୋବ୍ରା ଦଳରେ ଯୋଗ ଦେବାକୁ ଯାଇଥିଲି ସେକଥା ତୁ ତ ଜାଣୁ । ଅବଶ୍ୟ କୋବ୍ରାଦଳ ମୋ ଛଦ୍ମବେଶରେ ଧୋକା ଖାଇଯାଇଛନ୍ତି । ହଁ, ବିଜୟ ବାବୁଙ୍କ ନିକଟକୁ ମୁଁ ସମ୍ବାଦ ଦେଇଥିଲି । ସେ ମଧ୍ୟ ଏଥିରେ ଲାଗି ପଡ଼ିଛନ୍ତି ।

ରତନ କହିଲା—ଗଫୁରବାହଦୁରଙ୍କ ପୁତ୍ରବଧୂର କଣ ହେଲା ?

ରଞ୍ଜନ ହସି ଉଠିଲା । କହିଲା—ତାର ଆଉ କଣ ? ସେ ବର୍ତ୍ତମାନ ଜୋଗ୍ରା ଦଳ ହାତରେ ବନ୍ଦିନୀ । କିନ୍ତୁ ଅସଲ ଝିଅଟା ନୁହେଁ । ସେ ବନ୍ଦିନୀ ହୋଇଛନ୍ତି ସେ ଆମରି ଦଳର କଳ୍ପନା । ଝିଅଟା ଛଦ୍ମବେଶରେ ରହିଛନ୍ତି । ଅସଲ ଝିଅଟାକୁ ଅବଶ୍ୟ ଆମର ଦୁଇ ନମ୍ବର ଆଡ୍ଡାରେ ଲୁଚାଇ ରଖିବାକୁ ହେଲା ।

ରତନ କହିଲା—ବର୍ତ୍ତମାନ ମୁଁ ବି ମଧ୍ୟ କାମରେ ଲାଗି ପଡ଼ିଲେ ଭଲ ହୁଅନ୍ତା ଭାଇ !

ରଞ୍ଜନ ମୃଦୁହସି ଖେଳିଲା ତାର ଅଧରରେ ଚାହିଁ ରତନ ଆଡ଼କୁ । ତାପରେ କହିଲା—ନା, ବର୍ତ୍ତମାନ ନୁହେଁ । ତୋର ଏଇ ଭାଇ ଉପରେ ବିଶ୍ୱାସ ରଖ । ତୋର ଦରକାର ହେଲେ ମୁଁ ନିଶ୍ଚୟ କହିବି । ତାଛଡ଼ା···

ରତନ ନୀରବ ରହିଲା ।

ରଞ୍ଜନ ଉଠି ଠିଆହୋଇ କହିଲା—ବ୍ୟସ୍ତ ହେବାର କିଛି ନାହିଁ ରତନ । ଜୋଗ୍ରା ଦଳର ଅସ୍ତିତ୍ୱ ଆଉ କେଇଦିନ ମଧ୍ୟରେ ନିଶ୍ଚୟ ଧ୍ୱଂସ ହୋଇଯିବ । ଏଥିରେ ସନ୍ଦେହ କରିବାର କିଛି ନାହିଁ ।

ଅଚ୍ଛା, ସେକଥା ଥାଉ । ମୋତେ ବର୍ତ୍ତମାନ କେଇଟା ପରୀକ୍ଷା କରିବାକୁ ପଡ଼ିବ ବିଜ୍ଞାନାଗାରରେ । ସବୁ ପ୍ରସ୍ତୁତ ଅଛି ତ ?

—ହଁ ।

ରଞ୍ଜନ ଉଠି ଠିଆହେଲା । ତାପରେ ଦରଜା ଠେଲି ସେ ପ୍ରବେଶ କଲା ଅନ୍ୟ ଏକ କୋଠରୀ ମଧ୍ୟରେ ।

ରତନ ଆସିଲା ପଛେ ପଛେ ।

ରଞ୍ଜନ ଯେଉଁ କୋଠରୀ ମଧ୍ୟକୁ ଆସିଲା, ସେଇଟି ଏକ ବିଜ୍ଞାନାଗାର । ନିଜର ସବୁ ପ୍ରକାରର ପରୀକ୍ଷା ନିରୀକ୍ଷା ରଞ୍ଜନ ଏଇ

ଘରେ ହିଁ ବସି କରିଥାଏ । ଭିତରକୁ ଆସି ରଞ୍ଜନ ଏକ ବଡ଼ଟ ଟେବୁଲ ନିକଟରେ ଠିଆହେଲା ।

ପକେଟରୁ ତାର ଖଣ୍ଡିଏ ମୋଟା କଳାରଙ୍ଗର ଏକ ପ୍ଲାଷ୍ଟିକ୍ କାଗଜ ବାହାରକଲା ସେ । ତାପରେ ତାକୁ ଏକ ଷ୍ଟାଣ୍ଡ ଉପରେ ରଖିଲା । ର୍ୟାକ୍ ଉପରୁ ଏକ ଏସିଡ୍ ବୋତଲ ଉଠାଇ ଆଣି ସତର୍କ ହାତରେ ଏସିଡ଼ ଧୀରେ ଧୀରେ ସେଇ ପ୍ଲାଷ୍ଟିକ ଉପରେ ଢାଳିବାକୁ ଲାଗିଲା । ପ୍ଲାଷ୍ଟିକ କାଗଜ ରଙ୍ଗ ବଦଳିବା ସଙ୍ଗେ ସଙ୍ଗେ ତନ୍ମଧ୍ୟରେ ଏକ ଅଦ୍ଭୁତ ପରିବର୍ତ୍ତନ ଲକ୍ଷ୍ୟକଲା ରଞ୍ଜନ । ସ୍ଥିର ଦୃଷ୍ଟିରେ ସେଇ ଅଡ଼କୁ ଚାହିଁରହି ସେ କଣ ଚିନ୍ତା କରିବାକୁ ଲାଗିଲା—ହଠାତ୍ ଚମକି ଉଠିଲା ସେ । ତା ଓଠରେ ଏକ ରହସ୍ୟମୟ ହସ ଫୁଟି ଉଠିଲା । ରଞ୍ଜନ ଅଢ଼େ ଟେରେଇଁ ସେ କହିଲା— ୱେଲ୍ ରଞ୍ଜନ୍, ଏଥର ମୋର କାର୍ଯ୍ୟ ଶେଷ ।

କଲେଜର ଠିକ୍ ପଛଦେଇ ଯେଉଁ ବଡ଼ ଗଳିରାସ୍ତା ରହିଛି ତାରି ମଧ୍ୟ ଦେଇ କିଛିଦୂର ଗଲେ ଯେଉଁ ବଡ଼ଟ ଦୁଇମହଲା କୋଠାଟି ସମସ୍ତଙ୍କ ଆଖିରେ ପଡ଼େ, ତାର ନାମ 'ଆନନ୍ଦ ଭବନ' ।

ଆନନ୍ଦ ଭବନ ମାଲିକ ପ୍ରଫେସର ରାମଶଙ୍କର ଦାସ । କେବଳ ଓଡ଼ିଶାରେ ବା ଭାରତରେ ନୁହେଁ, ସାରା ପୃଥିବୀରେ ମଧ୍ୟ ରାମଶଙ୍କରଙ୍କର ଖ୍ୟାତି । ସେ ଜଣେ ସୁପ୍ରସିଦ୍ଧ ବୈଜ୍ଞାନିକ ।

ସମ୍ପ୍ରତି ପ୍ରଫେସର କୌଣସି ଏକ ଦୁରୂହ ଗବେଷଣା କାର୍ଯ୍ୟରେ ନିଜକୁ ନିୟୋଜିତ କରି ରଖିଛନ୍ତି । କେତେକ ସମର୍ଥିତ ସୂତ୍ରରୁ ଜଣାଯାଏ ତାଙ୍କର ଏହି ଗବେଷଣା ଯଦି ସଫଳ ହୁଏ

ତାହେଲେ ପାଗ୍ ମୃତ୍ୟୁକୁ କରଗତ କରିବାକୁ ତାଙ୍କୁ ମୁହୂର୍ତ୍ତେ ବି ସମୟ ଲାଗିବ ନାହିଁ । କହିବା ବାହୁଲ୍ୟ, ଏହି ଗବେଷଣାଟି ଅତ୍ୟନ୍ତ ପର୍ଯ୍ୟାୟଭୁକ୍ତ ।

ପ୍ରଫେସରଙ୍କର ଏହି ଗବେଷଣା ଯଦି ସଫଳ ହୁଏ ତାହେଲେ ଭାରତ ସରକାର ସାରା ବିଶ୍ୱରେ ନିଜକୁ ସୁପ୍ରତିଷ୍ଠିତ କରାଇ ପାରିବେ, ଏଥିରେ ସନ୍ଦେହ ନାହିଁ ।

ତେଣୁ ଦେଶର ସ୍ୱାର୍ଥ ଦୃଷ୍ଟିରୁ ବର୍ତ୍ତମାନ ପ୍ରଫେସରଙ୍କର ନିରାପତ୍ତାର ଦାୟିତ୍ୱ କେନ୍ଦ୍ର ସରକାର ଗ୍ରହଣ କରିଛନ୍ତି । ପ୍ରଫେସରଙ୍କ ଗବେଷଣାରେ ଯେପରି କୌଣସି ପ୍ରକାରର ବାଧା ସୃଷ୍ଟି ନ ହୁଏ, ସେଥିପାଇଁ କେନ୍ଦ୍ର ଗୋଇନ୍ଦା ଓ ପୋଲିସବାହିନୀ ସର୍ବଦା ସଜାଗ ।

କିନ୍ତୁ ଏଇ ସତର୍କତା ଏବଂ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ବି ଯେ ଏଭଳି ଏକ ଦୁର୍ଘଟଣା ଘଟିଯାଇପାରେ ସେକଥା କେହି ଚିନ୍ତା କରି ପାରି ନ ଥିଲେ ।

ରାତି ପ୍ରାୟ ବାରଟାରୁ ଅଧିକ ହେବ । ଚତୁର୍ଦ୍ଦିଗରେ ଘନ ଘୋର ଅନ୍ଧକାର । 'ଆନନ୍ଦ ଭବନ'ର ଅନ୍ୟାନ୍ୟ ବାସିନ୍ଦାମାନେ ସୁଖ ନିଦ୍ରାରେ ମଗ୍ନ । କେବଳ ପ୍ରହରୀ କେଇଜଣ ନିଜର ଦାୟିତ୍ୱ ତୁଲାଇବାରେ ଲାଗିଛନ୍ତି ।

ଠିକ୍ ଏହି ସମୟରେ ଏକ ଗାଢ଼ କଳା ରଙ୍ଗର ବୁଇକ୍ ରେସର ଆସି ଆନନ୍ଦ ଭବନ ଠାରୁ କିଛି ଦୂରରେ ଅଟକି ଗଲା । ରେସର୍‌ର ଚାଳକ ଚୁପ୍‌ଚାପ ବସି ପକେଟ ଭିତରୁ ଗୋଟାଏ ମ୍ୟାପ ବାହାର କଲା । କେଇ ସେକେଣ୍ଡ, ତାପରେ ଆଖି ବୁଲାଇ ନେଇ ପୁନର୍ବାର ପକେଟରେ ରଖିଦେଲା ତାକୁ ।

ଏଥର ରେସର ପୁଣି ଆଗେଇ ଚାଲିଲା । ଆନନ୍ଦ ଭବନର ଠିକ୍ ପଛପଟେ ଏକ ଗ୍ରେଟ ଗଳି ରାସ୍ତାଟିଏ ଲମ୍ବି ଯାଇଛି । ଅତ୍ୟନ୍ତ

ସଙ୍କୀର୍ଣ୍ଣ ଗଳିରାସ୍ତା । ଏକ ସମୟରେ ଦୁଇଟି ଗାଡ଼ି ଯିବା ଏକ ଅସମ୍ଭବ ବ୍ୟାପାର ।

ସେଇ ଗଳିରାସ୍ତା ମଧ୍ୟ ଦେଇ ରେସର ଧୀରେ ଧୀରେ ଆସି ଆନନ୍ଦ ଭବନ ଠାରୁ ପ୍ରାୟ ଦଶ ପନ୍ଦର ଗଜ ଦୂରରେ ଠିଆହେଲା । ଟିକିଏ ଦୂରରେ ଏକ ବିରାଟ ବରଗଛ । ବରଗଛର ଅନ୍ଧକାର ନେଉଗା ସ୍ଥାନରେ ରେସର ଅଟକିଲା ।

ଦରଜା ଖୋଲି ତା ଭିତରୁ ଦୁଇଜଣ ବାହାରି ଆସିଲେ । ଜଣେ ଡ୍ରାଇଭର ଅନ୍ୟ ଜଣକ ଜଣେ ହୃଷ୍ଟପୁଷ୍ଟ ବିଦେଶୀ ଯୁବକ । ସେ କିଏ ରବର୍ଟ, ଏକଥା କହିଲେ ବୁଝିହେବ । କୁଖ୍ୟାତ ସ୍ମଗଲର ରବର୍ଟର ଛଦ୍ମବେଶରେ ଦସ୍ୟୁ ରଞ୍ଜନ ।

ରଞ୍ଜନ ପକେଟ ମଧ୍ୟରୁ ଗୋଟାଏ ପେନସିଲ ଟର୍ଚ୍ଚ ଏବଂ ଏକ ଷ୍ଟ୍ରିଟ ମାନଚିତ୍ର ବାହାର କରି ଆଣିଲା । କ୍ଷୀଣ ଆଲୋକ ରେଖା ସାହାଯ୍ୟରେ ରଞ୍ଜନ କିଛିକ୍ଷଣ ମ୍ୟାପ୍‌ଟିକୁ ପରୀକ୍ଷା କରିବାକୁ ଲାଗିଲା । ତାପରେ ମାନଚିତ୍ରକୁ ପକେଟ ଭିତରେ ରଖି ସ୍ଥିର ଦୃଷ୍ଟିରେ କିଛିକ୍ଷଣ ଚାହିଁ ରହିଲା ଆନନ୍ଦ ଭବନ ଆଡ଼କୁ ।

ଅନ୍ଧକାର ମଧ୍ୟରେ ବୁଡ଼ି ରହିଛି ଆନନ୍ଦ ଭବନ । କେବଳ କେତୋଟି ଝରକା ପାଖରେ ଆଲୋକ ଜଳୁଥିବାର ଅନୁମାନ କରି ହେଉଛି ।

ତୀକ୍ଷ୍ଣ ଦୃଷ୍ଟିରେ ସେ ଆଡ଼କୁ କିଛିକ୍ଷଣ ଚାହିଁବା ପରେ ରଞ୍ଜନ ଚାପା କଣ୍ଠରେ ଡ୍ରାଇଭର ଆଡ଼କୁ ଚାହିଁ କହିଲା—ଅପେକ୍ଷା କର । ଯଦି ଅଧଘଣ୍ଟା ମଧ୍ୟରେ ଫେରି ନ ଆସେ । ତାହେଲେ କର୍ଣ୍ଣେଲ୍‌କୁ ଖବର ଦେଇପାର ।

ଡ୍ରାଇଭର ନୀରବରେ ଆଦେଶ ପାଳନ କଲା । ଚୁପ୍‌ଚାପ ଆସି ବସିଲା ରେସର ଭିତରେ ।

ରଞ୍ଜନ ଥରେ ଚତୁର୍ଦ୍ଦିଗରେ ଦୃଷ୍ଟି ବୁଲାଇ ଆଣିଲା । ନା, ତା ଉପରେ ଲକ୍ଷ୍ୟ ରଖିବା ଭଳି କେହି କୁଆଡ଼େ ନାହାନ୍ତି । ପ୍ରାଚୀର ନିକଟରେ କେବଳ ଦୁଇଜଣ ସେଣ୍ଟ୍ରି ଏପାଖ ସେପାଖ ହେଉଛନ୍ତି । ସାମାନ୍ୟ ମାତ୍ର ଆଲୋକର ଆଭାସ ।

ଦ୍ରୁତ ଅଥଚ ସତର୍କ ପଦରେ ଆଗେଇ ଗଲା ପ୍ରାଚୀର ନିକଟକୁ । ନିକଟରେ ପହଞ୍ଚି ସେ ଦୁଇ ହାତରେ ବୃପା ନେଇ ସାମାନ୍ୟ ମୁଣ୍ଡ ଉଠାଇ ଚାହିଁଲା ଉପର ପଟକୁ ।

ଜଣେ ସେଣ୍ଟ୍ରି ଠିକ୍ ତାଠାରୁ ତିନିଗଜ ଦୂରରେ ଅନ୍ୟ ଆଡ଼କୁ ମୁହଁ କରି ଠିଆ ହୋଇଛି । ଅନ୍ୟ ଜଣକ ଧୀର ପଦ-କ୍ଷେପରେ ତାଠାରୁ କେଇପାଦ ଦୂରରେ ଆଗେଇ ଯାଉଛି ଆଗକୁ ।

ମନେ ମନେ କିଛି ସ୍ଥିର କରିନେଲା ରଞ୍ଜନ । ତାପରେ··· ନିଜକୁ ଅଦ୍ଭୁତ ଭାବରେ ଉପରକୁ ଉଠାଇ ନେଇ ସେ ଝାମ୍ପ ଦେଲା ସେଣ୍ଟ୍ରି ଉପରକୁ । କେଇଟି ସେକେଣ୍ଡ । ଏ ପ୍ରକାରର ଆକ୍ରମଣ ନିମନ୍ତେ ଆଦୌ ପ୍ରସ୍ତୁତ ନଥିଲା ସେଣ୍ଟ୍ରି । ଏକ ସ୍ୱତନ୍ତ୍ର କାଇଦାରେ ରଞ୍ଜନ ସେଣ୍ଟ୍ରିକୁ କାବୁ କରିନେଇ ଟାଣି ଆଣିଲା ଅନ୍ଧକାର ଭିତରକୁ ।

ଘଟଣାଟି ଘଟିବାଲାଗି ବୋଧହୁଏ ଏକ ମିନିଟରୁ ମଧ୍ୟ ଅଧିକ ସମୟ ଲାଗିଲା ନାହିଁ । ସେଣ୍ଟ୍ରିର ଅଚେତନ ଦେହ ଢଳିପଡ଼ିଲା ରଞ୍ଜନର ଦୁଇ ବାହୁ ଉପରେ । ତାର ହାତରୁ ରାଇଫେଲ ବାହାର କରିନେଲା ରଞ୍ଜନ ।

ତାପରେ ଦୁଇ ହାତରେ ସେଣ୍ଟ୍ରିର ଦେହ ଉପରରୁ ଉଠାଇ ନେଇ ଫିଙ୍ଗିଦେଲା ପ୍ରାଚୀର ବାହାରକୁ । ସାମାନ୍ୟ ଶବ୍ଦ ହେଲା । ତାପରେ ସବୁ ଚୁପଚାପ୍

ରାଇଫେଲ୍ ହାତରେ ନେଇ ରଞ୍ଜନ ଏଠାରେ ଅନ୍ଧକାର ମଧ୍ୟରେ ଛପିରହି ଦ୍ୱିତୀୟ ବ୍ୟକ୍ତିର ଅପେକ୍ଷା କରିବାକୁ ଲାଗିଲା । କିଛିକ୍ଷଣ ପରେ ଦ୍ୱିତୀୟ ଜଣକ ଫେରି ଆସିଲା ଅଧା ରାସ୍ତାରୁ । ବୋଧହୁଏ ପ୍ରଥମ ଜଣକୁ ହଠାତ୍ ଅନ୍ତର୍ଦ୍ଧାନ ହୋଇ ଯିବାର ଦେଖି ସନ୍ଦେହ ଜାଗିଛି ତା ମନରେ ।

ରଞ୍ଜନ ପ୍ରସ୍ତୁତ ହୋଇ ରହିଲା । ପାଖେଇ ଆସିଲା ଦ୍ୱିତୀୟ ପ୍ରହରୀ । ହଠାତ୍ ସେ କିଛି ବୁଝିବା ଆଗରୁ ରଞ୍ଜନ ଝାମ୍ପ ଦେଲା ତା ଉପରକୁ । ଏକ ମିନିଟ୍ ମାତ୍ର । ତାପରେ ପ୍ରହରୀର ଅଚେତନ ଦେହ ଝୁଲିପଡ଼ିଲା ଦୀର୍ଘ ରଞ୍ଜନର ଲୌହ ଦୃଢ଼ ବାହୁ ଉପରେ ।

ବାସ୍, ତାକୁ ମଧ୍ୟ ସୁଦୃଢ଼ ପ୍ରାଚୀର ବାହାରକୁ ଫିଙ୍ଗି ଦେଲା ରଞ୍ଜନ । ସେ ଜାଣେ, ଅନ୍ତ କମରେ ଅଧଘଣ୍ଟା ପୂର୍ବରୁ ଏ ଦୁଇଜଣଙ୍କର ଚେତନା ଫେରିବ ନାହିଁ ।

ରଞ୍ଜନ ଉଠି ଠିଆହେଲା । ଆଉ ବିଳମ୍ବ କରି ଲାଭ ନାହିଁ । ଥରେ ସତର୍କ ଦୃଷ୍ଟି ଚତୁର୍ଦ୍ଦିଗରେ ବୁଲାଇ ନେଇ ରଞ୍ଜନ ଆଗେଇ ଚାଲିଲା ଆଗକୁ । ଆନନ୍ଦ ଭବନର ଠିକ୍ ପଛପାଖରେ ଏକ ବଡ଼ ନିମଗଛ ରହିଛି । ଗଛର ଏକ ବଡ଼ ଡାଳ ସିଧାସଳଖରେ ଲମ୍ବି ଯାଇଛି କୋଠାର ଛାତ ଆଡ଼କୁ ।

ରଞ୍ଜନ ଦ୍ରୁତ ପଦରେ ସେହି ଗଛ ନିକଟରେ ଆସି ଉପସ୍ଥିତ ହେଲା । ତାପରେ ଅତି ସହଜରେ ଉପରେ ଆସି ପହଞ୍ଚିଲା । କିନ୍ତୁ ଡାଳ ନିକଟରୁ ଆନନ୍ଦ ଭବନର ଏକ ଝରକାର ଦୂରତା ପ୍ରାୟ ତିନିଗଜରୁ ସାମାନ୍ୟ ବେଶୀ ହେବ । ଡାଳର ଅଗ୍ରଭାଗରେ ଠିଆ ହୋଇ ଝରକା ଆଡ଼କୁ ଚାହିଁଲା ରଞ୍ଜନ ।

ସେଇ ଝରକା ହେଉଛି ତାର ଲକ୍ଷ୍ୟସ୍ଥଳ । ଅଥଚ ପାଖରେ ପହଞ୍ଚିବାର କୌଣସି ଉପାୟ ନାହିଁ । ତଳକୁ ଖସିପଡ଼ିଲେ ଦେହର

ଅବସ୍ଥା ବଦଳିଯିବ । ତା'ହେଲେ ? ରଞ୍ଜନ ଦ୍ରୁତ ମନେ ମନେ କଣ ସ୍ଥିର କରି ନେଲା । ତାପରେ ତାକ ଉପରେ ସାମାନ୍ୟ ଓହ୍ଲାଇ ଆସି ବିଦ୍ୟୁତ୍ ବେଗରେ ଲମ୍ଫ ଦେଲା ସେଇ ଝରକା ଉପରକୁ ।

ଧଡ଼ାସ୍...

ସାମାନ୍ୟ ଶବ୍ଦ । ତାପରେ ଦେଖାଗଲା ରଞ୍ଜନ ଝରକାର ବାହାର ରେଲିଂ ଧରି ଝୁଲୁଛି । ଧୀରେ ଧୀରେ ସେ ହାତରେ ଭାର ଦେଇ ନିଜ ଦେହ ଉପରକୁ ଉଠାଇବାକୁ ଚେଷ୍ଟା କଲା । ସଫଳ ହୋଇଲା ସେ । ଅଳ୍ପ ସମୟ ପରେ ଝରକା ଉପରେ ନିଜର ପାଦ ଦୁଇଟିକୁ ଜମାଇ ଠିଆହେଲା ।

ନିଜକୁ ସମ୍ଭାଳି ରଖି ପକେଟ ଭିତରୁ ଗୋଟାଏ ପେନ୍ ଆକୃତିର ବସ୍ତୁ ବାହାର କଲା ସେ । ମୋଟା ଓ୍ୱାଲ୍ ଗ୍ଲାସର ବାହାର ପଟରୁ କୌଣସି ବସ୍ତୁ ଦେଖିବା ସମ୍ଭବ ନୁହେଁ । ପେନ୍‌ଟିକୁ ସେହି ଝରକାର ଗୋଟିଏ ଅଂଶ ଚିପି ଧରି ଗୋଟାଏ ବଟନ୍ ଚିପିଲା ସେ ।

ମୁହୂର୍ତ୍ତେ ମାତ୍ର । ତାପରେ ଦେଖାଗଲା ରଞ୍ଜନ ହାତରେ ଝରକା କାଚର ଏକ ଗୋଲକାର ଅଂଶ ଉଠି ଆସିଲା । କାଚଟିକୁ ରଞ୍ଜନ ଫିଙ୍ଗିଦେଲା ତଳକୁ । ତାପରେ ଝରକା ଦେହରେ ସୃଷ୍ଟି କରିଥିବା ଗର୍ତ୍ତ ମଧ୍ୟରେ ହାତ ପୂରାଇ ଭିତର ପାଖର ଛିଟ୍‌କିନି ଖୋଲି ଦେଲା ।

ଭିତରେ ଗାଢ଼ ନୀଳ ରଙ୍ଗର ବଲ୍‌ବ ଜଳୁଛି । ବେଶ ବଡ଼ କୋଠରି । ଭିତରେ ଏକ ବିରାଟ ପଲଙ୍କ । ଦାମୀ ଆସବାବ-ପତ୍ରରେ ଘର ଭିତରଟି ପୂର୍ଣ୍ଣ ।

ରଞ୍ଜନ ବାହାରେ ଥାଇ ଲକ୍ଷ୍ୟକଲା ପଲଙ୍କ ଉପରେ କେହି ଜଣେ ବେଡ୍‌କଭର ଘୋଡ଼ାଇ ହୋଇ ଶୋଇଛି । କୋଠରି ଭିତରେ

ଅନ୍ୟ କେହୁ ନାହାନ୍ତି । ରଞ୍ଜନ ଧରିନେଲା ପଲଙ୍କ ଉପରେ ଶାୟିତ ବ୍ୟକ୍ତି ଜଣକ ନିଶ୍ଚିତ ଭାବରେ ପ୍ରଫେସରଙ୍କ ବ୍ୟତୀତ ଅନ୍ୟ କେହୁ ନୁହନ୍ତି ।

ସେ ଧୀରେ ଧୀରେ ପ୍ରବେଶ କଲା କୋଠରୀ ଭିତରକୁ । ଝରକା ନିକଟରେ ଠିଆ ହୋଇ କେଇ ସେକେଣ୍ଡ ସେ କ୍ଷଣ ଚିନ୍ତାକଲା ।

ତାପରେ ଅଗେଇ ଆସିଲା ପଲଙ୍କ ନିକଟକୁ । ନିଜ ପକେଟ ଭିତରୁ ଗୋଟାଏ ଛୋଟ ଶିଶି ବାହାର କଲା ରଞ୍ଜନ । ଠିପି ଖୋଲା ଅବସ୍ଥାରେ ରଖି ସେ ହାତ ଟେକିଲା ।

କିନ୍ତୁ ତା ଆଗରୁ ଆଉ ଏକ ଘଟଣା ଘଟିଗଲା ।

କ୍ଷିପ୍ରବେଗରେ ପଲଙ୍କ ଉପରେ ଶୋଇଥିବା ଲୋକଟି ଉଠି ବସିଲା । ରେଡ଼ଜେଇ ଛିଟ୍କି ପଡ଼ିଲା ଦୂରକୁ । ରଞ୍ଜନ ଚମକି ଉଠି ଦେଖିଲା ସେଇ ଲୋକ ହାତରେ ଚମକି ଉଠୁଛି ଏକ ଶକ୍ତିଶାଳୀ ପିସ୍ତଲ । ଲୋକଟି ରଞ୍ଜନ ଆଡ଼କୁ ଚାହିଁ ବିଦ୍ରୂପାତ୍ମକ କଣ୍ଠରେ କହିଲା—ଧୀରେ ବତ୍ସ, ଧୀରେ ! ପ୍ରଫେସର ରାମଶଙ୍କରଙ୍କୁ ତୁମେ ଯେତେ ବୋକା ବୋଲି ଭାବୁଛ, ସେତେଟା ବୋକା ସେ ନୁହେଁ । ଆନନ୍ଦ ଭବନର ପ୍ରାଚୀର ଡେଇଁ ଭିତରକୁ ଆସିବା ପର୍ଯ୍ୟନ୍ତ ତୁମର ପ୍ରତ୍ୟେକ କାର୍ଯ୍ୟକଳାପ ମୁଁ ଲକ୍ଷ୍ୟକରି ଆସିଛି । ଚୁପ୍‌ଚାପ ଠିଆ ହୁଅ । ନ ହେଲେ···

ରଞ୍ଜନ ହାତ ଉପରକୁ ଉଠାଇ ନେଲା ।

ପ୍ରଫେସର ରାମଶଙ୍କର ହୋ ହୋ ହୋଇ ହସି ଉଠି କହିଲେ—ସାବାସ୍ ! ଜଣେ ଫର୍ମୁଲା ଚୋରି କରି ନେବା ପାଇଁ

ଅସିଛନ୍ତି ? କିନ୍ତୁ ତା ଆଗରୁ ତୁମର ଜୀବନ ଏଇଠି ରଖି ଦେଇ ଯିବାକୁ ହେବ, ଦସ୍ୟୁ !

ରଞ୍ଜନ ମୃଦୁ ହସି କହିଲା—ଆପଣ ଭୁଲ୍ କରୁଛନ୍ତି, ପ୍ରଫେସର ! ନିଜ ଉପରେ ଏତେଟା ବିଶ୍ୱାସ କରିବା ଭୁଲ ନୁହେଁ ।

କୌଣସି ଉତ୍ତର ଦେବା ପରିବର୍ତ୍ତେ ପ୍ରଫେସର ଚମକି ଉଠି କହିଲେ—କେଉଁ ଦେଶ ପକ୍ଷରୁ ଗୋଇନ୍ଦାଗିରି କରୁଛ ?

ରଞ୍ଜନ କହିଲା—ଚୀନର ।

ଓ—। ମୂର୍ଖ !

ରଞ୍ଜନ ହସିଲା—ପୁଣି ଭୁଲକଲେ ପ୍ରଫେସର ! ମୁଁ ଜାଣେ ମୋର ନାଁ ଶୁଣି ସାରା ପୃଥିବୀର ପୋଲିସ୍ ମଧ୍ୟ ଭୟରେ କମ୍ପି ଉଠନ୍ତି । ଆଜି ଆପଣ···’

ପ୍ରଫେସର ହସ ଥମାଇ ଗର୍ଜି କରି ଉଠିଲେ—କିଏ ତୁମେ ?

ରଞ୍ଜନ ଗମ୍ଭୀର ସ୍ୱରରେ କହିଲା—କୋବ୍ରା ଦଳର ନାମ ନିଶ୍ଚୟ ଶୁଣିଛନ୍ତି । ଆଜ ସ୍ମଗଲର କିଙ୍ଗ୍ ରବର୍ଟ । ହାଃ ହାଃ······

ରବର୍ଟ !

ପ୍ରଫେସର ଚମକି ଉଠିଲେ । ଏଇ କୁଖ୍ୟାତ ରବର୍ଟର କୀର୍ତ୍ତି କଳାପ ତାଙ୍କର ଅଜଣା ନୁହେଁ । ଅତି ଦୁର୍ଦ୍ଦାନ୍ତ ଦସ୍ୟୁ ।

ମୁହୂର୍ତ୍ତକ ନିମନ୍ତେ ପ୍ରଫେସର ଅନ୍ୟମନସ୍କ ହୋଇ ଉଠିଲେ । ରଞ୍ଜନ ପାଇଁ ଏଇ ଟିକକ ସମୟ ହିଁ ଯଥେଷ୍ଟ । ପ୍ରଫେସରଙ୍କୁ ସେ ଆଉ ଚିନ୍ତା କରିବାକୁ ସମୟ ଦେଲା ନାହିଁ । ବିଦ୍ୟୁତ୍ ଗତିରେ ସେ ଝାମ୍ପ ଦେଲା ପ୍ରଫେସରଙ୍କ ଉପରକୁ ।

ପ୍ରଫେସରଙ୍କ ହାତରୁ ପିସ୍ତଲ ଛିଟ୍‌କି ପଡ଼ିଲା ଦୂରକୁ । ତା ପରେ ଶକ୍ତିଶାଳୀ ଦସ୍ୟୁ ରଞ୍ଜନ ହାତରେ ପରାଜୟ ସ୍ୱୀକାର କରିବାକୁ ପ୍ରଫେସର ଆଉ ବେଶୀ ସମୟ ନେଲେ ନାହିଁ । ଏକ ମିନଟ୍ ମଧ୍ୟରେ ତାଙ୍କର ଅଚେତନ ଦେହ ପଲଙ୍କ ଉପରେ ଲୋଟି ପଡ଼ିଲା ।

ପ୍ରଫେସରଙ୍କର ଅଚେତନ ଦେହ ଛାଡ଼ି ରଞ୍ଜନ ଉଠି ଠିଆ ହେଲା । ଦ୍ରୁତ ପଦରେ ଆଗେଇ ଆସିଲା ପଲଙ୍କ ନିକଟରେ ଥିବା ଏକ ଷ୍ଟିଲ୍ ଆଲମୀରା ନିକଟକୁ । ଦକ୍ଷ ଦସ୍ୟୁ ସମ୍ରାଟକୁ ଆଲମାରୀର ଲକ୍ ଖୋଲିବା ନିମନ୍ତେ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ହେଲା ନାହିଁ ।

ଆଲମୀରା ଖୋଲି ତା ମଧ୍ୟରୁ ଗୋଟାଏ ଗୋଟାଏ କରି ଜିନିଷ ବାଛି ପରୀକ୍ଷା କରି ସେ ରଖିଦେଲା ଯଥା ସ୍ଥାନରେ । କିଛିକ୍ଷଣ ପରେ ସେ ଆଲମୀରା ବନ୍ଦକରି ପୁନର୍ବାର ପ୍ରଫେସରଙ୍କ ନିକଟକୁ ଫେରି ଆସିଲା । ଦେଖାଗଲା ତା ହାତରେ ଖଣ୍ଡିଏ ଡାଏରୀ ।

ବୋଧହୁଏ ପ୍ରଫେସରଙ୍କ ଡାଏରୀ । ଡାଏରୀ ବହିକୁ ରଞ୍ଜନ ନିଜ ପକେଟରେ ରଖିଦେଲା ।

ଝରକା ନିକଟକୁ ଫେରି ଆସିଲା । ପକେଟରୁ ଗୋଟାଏ ଶକ୍ତ ରେଶମ ଦଉଡ଼ି ବାହାର କରି ନେଇ ଦଉଡ଼ିର ଗୋଟାଏ ମୁଣ୍ଡ ବାନ୍ଧି ଦେଲା ଝରକା ଦେହରେ । ତାପରେ ଦଉଡ଼ିଟିକୁ ଝୁଲାଇ ଦେଲା ବାହାରକୁ । ଏଥର ପ୍ରଫେସରଙ୍କ ନିକଟକୁ ଆସି ଦୁଇ ହାତରେ ତୋଳି ଧରିଲା ତାଙ୍କୁ । ନିଜ କାନ୍ଧ ଉପରେ ପକାଇଲା । ଦ୍ରୁତ ପଦରେ ଆଗେଇ ଗଲା ଝରକା ନିକଟକୁ ।

ପ୍ରଫେସରଙ୍କୁ କାନ୍ଧରେ ନେଇ ଧୀରେ ଧୀରେ ରଞ୍ଜନ ଝରକା ଉପରକୁ ଉଠି ଆସିଲା ଏବଂ ଦଉଡ଼ି ଧରି ଝୁଲି ପଡ଼ିଲା ତଳକୁ । ତାପରେ ଦଉଡ଼ିରେ ତଳକୁ ଓହ୍ଲାଇବାକୁ ଲାଗିଲା । ସର୍କସର ଦକ୍ଷ ଖେଳାଳୀ ଭଳି ଅଗ୍ରମରେ ଦଉଡ଼ି ଧରି ତଳକୁ ଓହ୍ଲାଇ ଆସିଲା ରଞ୍ଜନ । ଏକ ସମୟରେ ପାଦ ଦେଲା ମାଟି ଉପରେ ।

ତାର ମୂର୍ତ୍ତି ଦେଖି ମନେ ହେଲା, ସେ ଯେପରି ଏଭଳି ବିପଦ-ଜନକ କାର୍ଯ୍ୟ କରିବାରେ ଅଭ୍ୟସ୍ତ । କୌଣସି କଷ୍ଟ ତାକୁ ସ୍ୱୀକାର କରିବାକୁ ହେଉନାହିଁ । ତଳେ ପହଞ୍ଚିବା ପରେ ଦଉଡ଼ିକୁ ପୂର୍ବ ଅବସ୍ଥାରେ ଛାଡ଼ି ଦେଇ ରଂଜନ ଦ୍ରୁତ ପଦରେ ପ୍ରାଚୀର ଆଡ଼କୁ ଅଗେଇ ଗଲା । ତାପରେ କୁଦି ପଡ଼ିଲା ସେପାଖକୁ ।

ସେଣ୍ଟ୍ରି ଦୁଇଜଣ ଏପର୍ଯ୍ୟନ୍ତ ମଧ୍ୟ ଅଚେତ ହୋଇ ରହିଛନ୍ତି । ରଂଜନ ଅଗେଇ ଆସି ରେଦର ନିକଟରେ ଉପସ୍ଥିତ ହେଲା । ଡ୍ରାଇଭର ବୋଧହୁଏ ଅପେକ୍ଷା କରି ରହିଥିଲା । ରଂଜନକୁ ଆସି-ବାର ଦେଖି ସଙ୍ଗେ ସଙ୍ଗେ ପଛ ଦରଜା ଖୋଲିଦେଲା ସେ । ପ୍ରଫେସରଙ୍କୁ ସିଟ୍‌ରେ ଶୁଆଇ ଦେଇ ରଂଜନ ପାଖରେ ବସିଲା ।

ରେଦର୍ ଷ୍ଟାର୍ଟ ହେଲା । ତାପରେ ଦକ୍ଷ ଚାଳକ ହସ୍ତରେ ସେପରି ଚଞ୍ଚଳ ହୋଇ ସେ ଦଉଡ଼ିବାକୁ ଲାଗିଲା ଖୁବ୍ ଜୋରରେ

ଆଉ ଥରେ ସିଗାରେଟ୍‌ରେ ଟାଣ ଦେଲେ ବିଜୟ ବାବୁ । ତାପରେ ଧୂଆଁ ଛାଡ଼ି ଚାହିଁଲେ ଆମକୁ । ଆଗରେ ତାଙ୍କର

ଦୈନିକ ସମ୍ବାଦପତ୍ର ଖୋଲି ହୋଇ ପଡ଼ିଛି । ମୁଖ୍ୟ ପୃଷ୍ଠାରେ ପ୍ରକାଶ ପାଇଛି ଓଡ଼ିଶାର ବିଖ୍ୟାତ ବୈଜ୍ଞାନିକ ପ୍ରଫେସର୍ ସମଶାଙ୍କର ଦାସଙ୍କର ଅନ୍ତର୍ଦ୍ଧାନ ସମ୍ପର୍କରେ ଏକ ମୂଲ୍ୟବାନ ସମ୍ବାଦ । ତା ସହିତ ଓଡ଼ିଶା ପୋଲିସର ଶିଥିଳତା ଯୋଗୁଁ ସମାଲୋଚନା, ବ୍ୟଙ୍ଗ ଚିତ୍ର ଇତ୍ୟାଦି ।

ମନେ ମନେ ଅସ୍ଥିର ହୋଇ ଉଠିଲେ ଜୟନ୍ତ ବାବୁ ।

ତାଙ୍କର ଉପସ୍ଥିତିରେ ତ' ଦୁଇ ତିନିଦିନ ତଳେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ପୁତ୍ରବଧୂର ଅପହରଣ ହୋଇଗଲା । ଅଥଚ ସେ କିଛି ହେଲେ କରି ପାରିଲେନି । ତାପରେ ପ୍ରଫେସରଙ୍କୁ ଅପହରଣ କରି ନିଆଗଲା ।

ଅଦ୍ଭୁତ ଏଇ 'କୋବ୍ରା' ଦଳର କାର୍ଯ୍ୟକଳାପ ।

ଗୋଟାକ ପରେ ଗୋଟିଏ ଅପରାଧ ସେମାନେ ନିର୍ବିଘ୍ନରେ କରି ଚାଲିଛନ୍ତି । ଅଥଚ ସେମାନଙ୍କର କୌଣସି ପ୍ରକାର ସନ୍ଧାନ ପାଇବା ପୋଲିସ ପକ୍ଷରେ ଅସମ୍ଭବ ହୋଇ ପଡ଼ୁଛି । ଦିନକୁଦିନ ସେମାନେ ଯେଉଁଭଳି ଭାବରେ ଅପରାଧର ମାତ୍ରା ବଢ଼ାଇ ଚାଲିଛନ୍ତି, ସେପରି ହେଲେ ଦେଶର ପରିଣତି ଯେ ଭବିଷ୍ୟତରେ କଣ ହେବ ତାର କଳ୍ପନା କରିବା ମାତ୍ରକେ ଜୟନ୍ତ ବାବୁ ଶିହରି ଉଠିଲେ ।

ଜୟନ୍ତ ବାବୁଙ୍କର ହଠାତ୍ ମନେ ପଡ଼ିଲା ରଞ୍ଜନ କଥା ।

ରଂଜନ ନିକଟରୁ ପ୍ରଥମେ ଏ ସମ୍ପର୍କରେ ସେ ସୂଚନା ପାଇ ଥିଲା । ହେଲେ ଦସ୍ୟୁ ରଂଜନ କଣ ବର୍ତ୍ତମାନ ସମ୍ପୂର୍ଣ୍ଣ ନୀରବ ହୋଇ ରହିଛନ୍ତି ! ବିଶ୍ୱାସ ହେଉନି ।

ଜୟନ୍ତ ବାବୁ ରଂଜନ କଥା ଚିନ୍ତା କରିବା ମାତ୍ରକେ ତାଙ୍କ ହୃଦୟରେ ଏକ ଅଜଣା ସ୍ନେହଭାବ ସୃଷ୍ଟି ହେଲା ।

ତାଙ୍କର ମନେହେଲା ଦେଶର ଏଇ ସଙ୍କଟ ମୁହୂର୍ତ୍ତରେ ରଂଜନ କଦାପି ସ୍ଥିର ହୋଇ ବସି ନ ଥିବ । ହଠାତ୍ ବିଜୟ ବାବୁଙ୍କ ଚିନ୍ତାରେ ବାଧା ପଡ଼ିଲା । ଚାକର ମଧୁ ଆସି ଠିଆହେଲା ପାଖରେ ।

—ବାବୁ !

ବିଜୟ ବାବୁ ମୁହଁ ଉଠାଇ ଚାହିଁଲେ ।—କଣ ?

ମଧୁ କହିଲା—ଜଣେ ସାହେବ ଦେଖା କରିବାକୁ କହୁଛନ୍ତି ।

ବିଜୟ ବାବୁ ମନେ ମନେ ହସିଲେ । ଯେ କୌଣସି ବିଦେଶୀକୁ ଦେଖିଲେ ସାହେବ ବୋଲି ଡାକିବାର ଅଭ୍ୟାସ ମଧୁ ଆଜି ଛାଡ଼ିଲା ନାହିଁ ।

ମଧୁ ଖଣ୍ଡିଏ କାର୍ଡ ବଢ଼ାଇ ଦେଲା ବିଜୟ ବାବୁଙ୍କ ହାତକୁ ।

ବିଜୟ ବାବୁ କାର୍ଡ ଉପରେ ଆଖି ବୁଲାଇ ନେଲେ ।

ଲେଖାଅଛି—

'ଜନ୍ ପିଟରସନ,
ଇଣ୍ଟରପୋଲ୍'

ଇଣ୍ଟରପୋଲ !

ଅବାକ ହେଲେ ବିଜୟ ବାବୁ ।

ସେ ଜାଣନ୍ତି ଇଣ୍ଟର ପୋଲ ହେଉଛି ଆନ୍ତର୍ଜାତିକ ଗୋଇନ୍ଦା ପୋଲିସ ସଂସ୍ଥା । ପୃଥିବୀର ଯେ କୌଣସି ଦେଶର ଅପରାଧୀକୁ ଯେ କୌଣସି ଦେଶରେ ଅନୁସନ୍ଧାନ ଚଳାଇ ଗ୍ରେପ୍ତାର କରିବାର ଅଧିକାର ଏମାନଙ୍କର ରହିଛି । କିନ୍ତୁ··· ହଠାତ୍ ସେହି ଇଣ୍ଟର-ପୋଲର ଜଣେ ଏଜେଣ୍ଟ ଜନ୍ ପିଟରସନଙ୍କର ତାଙ୍କ ନିକଟରେ କଣ ବା' ଦରକାର ପଡ଼ିଲା ।

ବିଜୟ ବାବୁ ମଧୁକୁ ସେହି ସାହେବଙ୍କୁ ଭିତରକୁ ନେଇ ଆସିବା ପାଇଁ ନିର୍ଦ୍ଦେଶ ଦେଲେ । ମଧୁ ଫେରିଗଲା । ଅଳ୍ପ ସମୟ

ଘରେ ପୁନର୍ବାର ଫେରିଆସିଲେ ସେ । ସାଙ୍ଗରେ ଆଉ ଜଣେ ବିଦେଶୀ ବ୍ୟକ୍ତି । ବୟସ ଷାଠିଏ ପାଖାପାଖି, ସୁପୁଷ୍ଟ ଧବଳ, ବଳିଷ୍ଠ ଦେହ, ବୁଦ୍ଧି ଦୀପ୍ତ ଚକ୍ଷୁ । ପରିଧାନରେ ରହିଛି ଦାମୀ ସୁଟ୍ ।

ବିଜୟ ବାବୁ ଉଠି ଠିଆହୋଇ ଅଭିବାଦନ ଜଣାଇଲେ । ମି: ଜନ୍ ବିଗଳିତ କଣ୍ଠରେ କହିଲେ—ଆପଣଙ୍କ ଆଇ: ଜି:ଙ୍କ ନିକଟରୁ ଆପଣଙ୍କ ସମ୍ପର୍କରେ ଅନେକ ପ୍ରଶଂସା ଶୁଣିଛି । ତେଣୁ ଆପଣଙ୍କ ସହ ସାକ୍ଷାତ କରିବାର ଆଗ୍ରହକୁ ମୁଁ ଏଡ଼ାଇ ଦେଇ ପାରିନ ।

କହୁ କହୁ ଜନ୍ ଏକ ସୋଫା ଉପରେ ବସିଲେ ।

ବିଜୟ ବାବୁ ପାଖରେ ବସି କହିଲେ—ନା ନା, ଆପଣ ମୋ ସମ୍ପର୍କରେ ଯେଉଁ ପ୍ରଶଂସା ଶୁଣିଛନ୍ତି, ସେସବୁ କେବଳ ସାର୍‌ଙ୍କର ଅଯଥା ସ୍ନେହ ମାତ୍ର । ପ୍ରକୃତରେ ତାଙ୍କର ପ୍ରଶଂସାର ଯୋଗ୍ୟ ମୁଁ ନୁହେଁ ।

ଜନ ହସିଲେ । କହିଲେ—ଦେଖନ୍ତୁ ଏଥରକ ମୁଁ ପ୍ରକୃତ କଥାକୁ ଆସୁଛି ।

ବିଜୟ ବାବୁ ସଜାଗ ହୋଇ ବସିଲେ ।

ଜନ୍ କହିଲେ—ଆପଣ କୋବ୍ରା ଗଙ୍ଗ୍ କେସ୍ ଯାଞ୍ଚ କରୁଛନ୍ତି ବୋଲି ଜାଣିଲି ।

—ହଁ ।

—ଦେଖନ୍ତୁ, କୋବ୍ରା ଦଳର ସଦସ୍ୟମାନଙ୍କ ନାମରେ ପ୍ରାୟ ଅନେକ ଦେଶର ୱାରେଣ୍ଟ ଜାରି ହୋଇଛି । ତାଛଡ଼ା ସମ୍ପ୍ରତି ଆଉ ଜଣେ କୁଖ୍ୟାତ ସ୍ମଗଲର ଏଠାରେ ଆସି ପହଞ୍ଚିଛି ।

ବିଜୟ ବାବୁ ମୃଦୁ ହସି କହିଲେ—ଆପଣ ବୋଧହୁଏ ରବର୍ଟ କଥା କହୁଛନ୍ତି ?

ଜନ୍ ଉତ୍ତର ଦେଲେ—ହଁ । ରବର୍ଟ ସାରା ବିଶ୍ୱରେ ସ୍ମଗଲିଂ କିଙ୍ଗ୍ ନାମରେ ବିଖ୍ୟାତ । ଏମିତି କୌଣସି ଦେଶ ନାହିଁ, ଯେଉଁଠାରେ ପୋଲିସ ନିକଟରେ ରବର୍ଟ ନାମରେ ଓ୍ୱାରେଣ୍ଟ ନାହିଁ । ଲୋକଟା ଅତ୍ୟନ୍ତ ଧୂର୍ତ୍ତ ଏବଂ ଫନ୍ଦିବାଜ୍ । ସମ୍ପ୍ରତି ଆମେରିକାର ୟୁନାଇଟେଡ୍ ବ୍ୟାଙ୍କରୁ ପ୍ରାୟ ଲକ୍ଷାଧିକ ପାଉଣ୍ଡ ଠକିଆଣି ସେ ପଳାଇ ଆସିଛି ଏଠିକି । ଅବଶ୍ୟ ଜାଲ ପାସପୋର୍ଟରେ । କାରଣ ତା ଉଆର ପାସପୋର୍ଟ, ଭିସା ଇତ୍ୟାଦିକୁ ସେଠାରୁ ନକଲି ବୋଲି ପ୍ରମାଣିତ କରିବା ଖୁବ୍ ସହଜ ବ୍ୟାପାର ନୁହେଁ ।

ବିଜୟ ବାବୁ କହିଲେ—ଏଠାରେ ମଧ୍ୟ କେଉଁଟି ଘଟଣାରୁ ତାର ଧୂର୍ତ୍ତତାର ପରିଚୟ ମିଳି ପାରିଛି ।

ଜନ୍ ଗମ୍ଭୀର ହୋଇଲେ । କହିଲେ—ହଁ କେବଳ ସେଇ ରବର୍ଟର ସନ୍ଧାନରେ ହିଁ ବିଶେଷ କରି ଇଣ୍ଟରପୋଲ୍ ପକ୍ଷରୁ ମୋତେ ଏଠାକୁ ଆସିବାକୁ ହେଲା । ତାପରେ ରହିଛି ଜୋସ୍ୱା କିଙ୍ଗ୍ । ମୁଁ ଏଠାରେ ଆସି ଜାଣିଲି, ଆପଣ ଏଇ ଦାୟିତ୍ୱରେ ଅଛନ୍ତି । ତେଣୁ ଆପଣଙ୍କ ସହ ଏ ସମ୍ପର୍କରେ କିଛିଟା ଆଲୋଚନା ନିମନ୍ତେ ଚାଲି ଆସିଲି ।

ବିଜୟ ବାବୁ ମୃଦୁ ହସି କହିଲେ—ଆପଣଙ୍କୁ ଏ ସମ୍ପର୍କରେ ସବୁ ପ୍ରକାରର ସାହାଯ୍ୟ କରିବାଲାଗି ମୁଁ ପ୍ରସ୍ତୁତ ।

—ଧନ୍ୟବାଦ । ରବର୍ଟ ଏଠାକୁ ଆସିବା ପରେ ଯାହା ଖୋଲାଖୋଲି ଭାବେ କରିଛି, ତାର ଫାଇଲ ନିଶ୍ଚୟ ଆପଣଙ୍କ ପାଖରେ ଅଛି ।

ବିଜୟ ବାବୁ କହିଲେ—ଅଛି ।

—ଠିକ୍, ଆପଣ ଏ ସମ୍ପର୍କରେ କେତେଦୂର ଆଗେଇଛନ୍ତି, ସେ ବିଷୟରେ ଯଦି ଦୟାକରି କୁହନ୍ତେ···

ବିଜୟ ବାବୁ ଉତ୍ତର ଦେଇ କହିଲେ—ନା, କହିବାରେ କୌଣସି ଆପତ୍ତି ନାହିଁ । ବିଶେଷ କୌଣସି ପ୍ରୋଗ୍ରେସ କରି ପାରିନ ।

ଜନ୍ କହିଲେ—ରବର୍ଟ ର ଗ୍ରେପ୍ତାର ସମ୍ପର୍କରେ ମୁଁ ଆପଣଙ୍କୁ ପ୍ରାଣପଣେ ସାହାଯ୍ୟ କରିବି ବୋଲି ଆଶା ରଖିଛି । କାରଣ ରବର୍ଟ ର ପ୍ରକୃତ ରୂପ ମୁଁ ଜାଣେ । ତାଛଡ଼ା...

—ଧନ୍ୟବାଦ ।

ଜନ୍ ପ୍ରଶ୍ନକଲେ—ଆଚ୍ଛା ରବର୍ଟ ର କାର୍ଯ୍ୟକଳାପ ସମ୍ପର୍କରେ ଆପଣଙ୍କୁ ଯେଉଁ ବ୍ୟକ୍ତି ଇନ୍‌ଫର୍ମ କରନ୍ତି ତା ସହିତ ଟିକେ ଦେଖା କରାଇଦେଲେ ଉପକୃତ ହୁଅନ୍ତି ।

ବିଜୟ ବାବୁ ଗମ୍ଭୀର ହୋଇ କହିଲେ—ଦୁଃଖିତ ମି: ଜନ୍ ! ସେଇ ସମ୍ବାଦଦାତା ସହିତ ସାକ୍ଷାତ କରାଇ ଦେବା ସମ୍ଭବ ହୋଇପାରିନ ।

—ମାନେ ?

—ଏଇ ସମ୍ବାଦ ଯେ ଆଣି ଦେଇଛି, ସେ ମଧ୍ୟ ଏଇ ରବର୍ଟ ଭଳି ଜଣେ ଦୁର୍ଦ୍ଦାନ୍ତ ଅପରାଜେୟ ଦସ୍ୟୁ । ପୋଲିସ ବାହିନୀର ସେ ପ୍ରଧାନ ଶତ୍ରୁ । ଦେଶର ଆତଙ୍କ ।

ଜନ୍ କହିଲେ—ଠିକ୍ ବୁଝିପାରିଲିନ ।

ବିଜୟ ବାବୁ ଉତ୍ତର ଦେଲେ—ହଁ । ସେ ଜଣେ ଦୁର୍ଦ୍ଧର୍ଷ ଦସ୍ୟୁ । ଅଥଚ ଦେଶର ଓ ଜାତିର ଉନ୍ନତି ପାଇଁ ନିଜ ଜୀବନ ବିପନ୍ନ କରି ପୋଲିସକୁ ଅନେକ ଥର ସେ ସାହାଯ୍ୟ କରିଛି ।

—କିଏ ସେ ?

—ଦସ୍ୟୁ ରଂଜନ ।

ଜନ୍ ଚମକି ଉଠିଲେ—ଦସ୍ୟୁ ରଂଜନ । ଏଇ ନାଁ ମୋ ନିକଟରେ ଅପରିଚିତ ନୁହେଁ ମି: ଦାସ ! କିନ୍ତୁ ଏଇ ସାମାନ୍ୟ ଦସ୍ୟୁକୁ ପୋଲିସ ବାହିନୀ ଗିରଫ କରି ପାରୁନି ।

ବିଜୟ ବାବୁ କୌଣସି ଉତ୍ତର ଦେଲେ ନାହିଁ ।

ଜନ୍ କହିଲେ—ଆପଣଙ୍କର ଚିନ୍ତା କରିବାର କିଛି ନାହିଁ ମି: ଦାସ ! ଦସ୍ୟୁ ରଞ୍ଜନ ଏବଂ ଦସ୍ୟୁ ରବର୍ଟ, ଏ ଦୁଇଜଣଙ୍କୁ ଗିରଫ କରିବା ପରେ ହିଁ ମୁଁ ଫେରିବି । ଅବଶ୍ୟ ଏଥିପାଇଁ ଟିକେ ଆଧୁନିକ ଧରଣର ବ୍ୟୁହ ରଚନା ଦରକାର ।

ବିଜୟ ବାବୁ ମୁଣ୍ଡ ଉଠାଇ ଚାହିଁଲେ ଜନ୍‌ଙ୍କୁ । ତାପରେ ଗମ୍ଭୀର କଣ୍ଠରେ କହିଲେ—ଆପଣ ଦସ୍ୟୁ ରଞ୍ଜନର ସଂସ୍ପର୍ଶରେ ଆସି ନାହାନ୍ତି ବୋଲି ଏକଥା କହି ପାରୁଛନ୍ତି ମି: ଜନ୍ !

ଜନ୍ କହିଲେ—ଦୁଃଖିତ, ମି: ଦାସ୍ ! ଜଣେ ଦସ୍ୟୁର ପ୍ରଶଂସା ପୋଲିସ ଅଫିସରଙ୍କ ମୁହଁରେ ଶୋଭା ପାଏନା । ବିଜୟ ବାବୁ ମୃଦୁ ହସିଲେ । ସ୍ଥିର ଦୃଷ୍ଟିରେ ସେ ଚାହିଁଲେ ଜନ୍‌ଙ୍କ ଆଡ଼କୁ ।

ଜନ୍‌ଙ୍କ ଓଠ ପ୍ରାନ୍ତରେ ଫୁଟି ଉଠିଛି ରହସ୍ୟମୟ ହସ । ଜନ୍ ହଠାତ୍ କହିଲେ—ମୋତେ ତାହେଲେ ବର୍ତ୍ତମାନ ପାଇଁ ବିଦାୟ ଦିଅନ୍ତୁ ମି: ଦାସ ! ପୁଣି ପରେ ଆପଣଙ୍କ ସହ ଦେଖା ହେବ ।

ବିଜୟ ବାବୁ ପ୍ରଶ୍ନକଲେ—ଆପଣ ନିଶ୍ଚୟ ଗେଷ୍ଟହାଉସରେ ରହୁଛନ୍ତି ?

ନା,—ଆମ ପକ୍ଷରେ କୌଣସି ଅଜଣା ଅପରିଚିତ ସ୍ଥାନରେ ରହିବା ହିଁ ଶ୍ରେୟସ୍କର । ଆଚ୍ଛା...ବର୍ତ୍ତମାନ ପାଇଁ ଆସୁଛି ।

Deb's Library Corner...

ଜନ୍ ଉଠି ଠିଆହେଲେ ।

ତାପରେ ଦ୍ରୁତ ପଦରେ ବାହାରକୁ ବାହାରିଗଲେ ।

ନିଜ ଉପରେ ଲୋକଟାର ଏତେ ଦୃଢ଼ ବିଶ୍ୱାସ ଦେଖି ମନେ ମନେ ଅବାକ୍ ହୋଇ ବିଜୟ ବାବୁ ଚାହିଁ ରହିଲେ ତାର ଗନ୍ତ ପଥକୁ ।

ରାତି ଦୁଇଟା ବାଜିବାକୁ ଅଳ୍ପ ସାମାନ୍ୟ ଡେରି । ଆକାଶ ଢ଼ାଙ୍କିଛି କଳା ମେଘ ।

ଚତୁର୍ଦ୍ଦିଗରେ ଗାଢ ଘୋର ଅନ୍ଧକାର । ମୁହଁକୁ ମୁହଁ ଦେଖା ଯାଉନି । ସନ୍ଧ୍ୟାବେଳୁ କୋହଲପାଗ ହୋଇଛି । ଝଞ୍ଜାର ପ୍ରକୋପ ବୃଦ୍ଧି ପାଇଛି ଅନେକ ପରିମାଣରେ । ଘର ଭିତରୁ ବାହାରକୁ ବାହାରିବାଟା ଦୂରର କଥା, ଘର ଭିତରେ ରହିବା ମଧ୍ୟ ଅସମ୍ଭବ ହୋଇ ପଡ଼ୁଛି ଅନେକଙ୍କ ପକ୍ଷରେ ।

ଆନନ୍ଦ ଭବନ ବୁଡ଼ି ରହିଛି ଗାଢ଼ ଅନ୍ଧକାର ଭିତରେ । ଆନନ୍ଦ ଭବନ ନିକଟରୁ କେଇଶହ ଗଜ ଦୂରରେ ଏକ ଏକମହଲା କୋଠା ରହିଛି । କୋଠାଟିର ଅଧିକାଂଶ ଘର ଜୀର୍ଣ୍ଣ ହୋଇ ଆସିଲାଣି । ମନେ ହେଉଛି ଯେ କୌଣସି ମୁହୂର୍ତ୍ତରେ ମାଟି ଉପରେ ଭାଙ୍ଗି ପଡ଼ିବ ।

ଅନ୍ଧକାର ମଧ୍ୟରେ ନିଜକୁ ଢାଙ୍କି ରଖି ଜଣେ ଲୋକ ଆସି ଠିଆହେଲା ଦରଜା ନିକଟରେ ।

ଠକ୍ ! ଠକ୍ !

ଦୁଇଥର ସାଙ୍କେତିକ ଶବ୍ଦ ।

ଦରଜା ଫାଙ୍କରୁ କାହାର ଗମ୍ଭୀର କଣ୍ଠ ଶୁଣାଗଲା—କିଏ ?

ଆଲୋକ ଉତ୍ତର ଦେଲେ—ଆଲୋକ ।

—କାହିଁକି ଆସିଛ ?

—ଆଶ୍ରୟ ପାଇଁ ।

—କୋଡ୍ ?

—କୋବ୍ରା ।

ଏଥର ଦରଜା ଖୋଲିଗଲା । ଆଲୋକ ପ୍ରବେଶ କଲା ଭିତରକୁ ।

ଜଣେ ନୁହେଁ ପ୍ରାୟ ପଚାଶ ଜଣ ଏଇଭଳି ଭାବେ କୋଠା ମଧ୍ୟରେ ପ୍ରବେଶ କଲେ । କହିବା ବାହୁଲ୍ୟ ଏମାନେ ସମସ୍ତେ କୋବ୍ରା ଦଳର ଦୁର୍ଦ୍ଧାନ୍ତ ସଦସ୍ୟ ।

ସମସ୍ତଙ୍କୁ ଏକ ବଡ଼ ହଲ୍ ମଧ୍ୟରେ ଏକତ୍ରିତ ହେବାର ଲକ୍ଷ୍ୟ କରାଗଲା । ବଡ଼ ହଲ୍ । ଧାଡ଼ି ଧାଡ଼ି ହୋଇ ଚେୟାର ପଡ଼ିଛି । ପ୍ରତ୍ୟେକ ଚେୟାର ଉପରେ ଜଣେ ଲେଖାଏଁ ଛଦ୍ମ ବ୍ୟକ୍ତି ଆସୀନ । ପ୍ରତ୍ୟେକଙ୍କ ଦେହରେ ଛଦ୍ମବେଶ । ମୁଖମଣ୍ଡଳ ଉପରେ ଖଣ୍ଡିଏ ଲେଖାଏଁ କଳା କନା ଢାଙ୍କି ହୋଇ ରହିଛି । ଦେଖିଲେ କାହାରିକୁ

ଚାହିଁବାର ଉପାୟ ନାହିଁ । ସାମନାରେ ଅସ୍ପୋଖ କାନ୍ଥକୁ ଲାଗି ପେଣ୍ଡାଲ । ତା ଉପରେ ଏକ ଟେବୁଲ ପଛରେ ଗୋଟିଏ ଉଚ୍ଚ ସିଂହାସନ ଭଳି ରହିଛି ।

ହଲ୍ ମଧ୍ୟରେ ନୀଳ ରଙ୍ଗର ବଲ୍ବ ଜଳୁଛି । ମୃଦୁ ଆଲୋକରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦେଖା ହେଉଛି ଗୋଟିଏ ଗୋଟିଏ ବର୍ତ୍ତିକା ଭଳି । ସମସ୍ତେ ଚୁପ୍ ଚାପ୍ । ଯେପରି କାହାର ପ୍ରତୀକ୍ଷା କରୁଛନ୍ତି ସେମାନେ । ଢ଼ଂ ଢ଼ଂ କରି କାନ୍ଥ ଘଡ଼ିରେ ଦୁଇଟା ବାଜିଲା । ସଙ୍ଗେ ସଙ୍ଗେ ଧପ୍ କରି ଲିଭିଗଲା ହଲ୍ ଭିତର ଆଲୋକ । ଭିତରେ ଗାଢ଼ ଅନ୍ଧକାର । ଟେବୁଲ ଉପରେ ଏକ ଲାଲ ରଙ୍ଗର ବଲ୍ବ ସ୍ପାର୍କ କରି ଜଳି ଉଠିଲା ମୁହୂର୍ତ୍ତକ ନିମନ୍ତେ । ତାପରେ ସବୁ ଚୁପ୍ ଚାପ୍ । ପ୍ରାୟ ଏକ ମିନଟ୍ ପରେ ହଲ୍ ଭିତରେ ଅଳ୍ପ ଏକ ଗାଢ଼ ନୀଳରଙ୍ଗର ଆଲୋକ ଜଳି ଉଠିଲା ।

ଦେଖାଗଲା ଟେବୁଲ ପଛରେ ଥିବା ସିଂହାସନ ଉପରେ ଇତି ମଧ୍ୟରେ ଜଣେ ବ୍ୟକ୍ତି ଆସି ବସି ରହିଛନ୍ତି । ଦେହରେ ତାର ଗାଢ଼ କଳା ରଙ୍ଗର ଆଲ୍ଖାଲା । ତା ଉପରେ ଲାଲ ରଙ୍ଗର ଅଙ୍କିତ ହୋଇଛି ଫଣାଧର କୋବ୍ରାର ଚିହ୍ନ ।

କୋବ୍ରା କିଙ୍ଗ୍ !

ଏଇ ତା ହେଲେ ଦୁର୍ଦ୍ଧର୍ଷ 'କୋବ୍ରା' ଦଳର ସର୍ଦ୍ଦାର କୋବ୍ରା କିଙ୍ଗ୍ ! ଅପରାଧ ଜଗତରେ ଦୁର୍ଦ୍ଦାନ୍ତ ଅପରାଜେୟ, ରହସ୍ୟମୟ ବ୍ୟକ୍ତି ।

କୋବ୍ରା ଦସ୍ୟୁ ଦଳର ଅନ୍ୟମାନେ ସର୍ଦ୍ଦାରଙ୍କୁ ସମ୍ମାନ ପ୍ରଦର୍ଶନ ନିମନ୍ତେ ଉଠି ଠିଆହେଲେ । 'କୋବ୍ରା' କିଙ୍ଗ୍‌ର ଭାଷଣ

ଦୃଷ୍ଟି ବୁଲି ଆସିଲା ହଲ୍‌ରେ ଉପସ୍ଥିତ ସମସ୍ତ ସଦସ୍ୟମାନଙ୍କ ଉପରେ ।

କୋବ୍ରା କିଙ୍ଗ୍ ଉଠି ଠିଆହେଲେ । ତାପରେ ଗମ୍ଭୀର କଣ୍ଠରେ କହିବାକୁ ଆରମ୍ଭକଲେ—ବନ୍ଧୁଗଣ ! ଅନେକଦିନ ପରେ ପୁନର୍ବାର ଆପଣମାନଙ୍କ ନିକଟରେ ମୁଁ ପହଞ୍ଚି ପାରିଛି । ସେଥିପାଇଁ ଆନନ୍ଦ ଅନୁଭବ କରୁଛି । ଆଜି ଭୋରବେଳା ମୁଁ ଭାରତ ବାହାରକୁ ଚାଲି ଯିବି । ଅବଶ୍ୟ ଏକ ଜରୁରୀ କାର୍ଯ୍ୟରେ । ମୁଁ ଫେରିବା ପର୍ଯ୍ୟନ୍ତ ଏଠାକାର ସମସ୍ତ କାର୍ଯ୍ୟ ସ୍ଥଗିତ ରଖିବାକୁ ହେବ । ହଁ, କୋବ୍ରା ଦଳ ଏପରି ଏକ ସୁଗଠିତ ଦଳରେ ପରିଣତ ହୋଇଛି, ଯାହା ସାରା ପୃଥିବୀରେ ପୋଲିସ ବାହିନୀକୁ ଥରହର କରି ଦେଇ ପାରିଛି । ଏସବୁ କେବଳ ଆପଣମାନଙ୍କ କୃତିତ୍ୱ । ଆପଣମାନଙ୍କୁ ସେଥିପାଇଁ ମୁଁ ପୁରସ୍କାର ଦେବାକୁ ଚାହେଁ । ଆପଣମାନେ ଯିବା ପୂର୍ବରୁ ରାମ ସିଂ ନିକଟରୁ ହଜାର ଥଳୀ ନେଇଯିବେ । ତାପରେ ମୁଁ ମି: ରବର୍ଟଙ୍କ ନିକଟରେ ବିଶେଷ ଋଣୀ; ତେଣୁ ତାଙ୍କୁ ଏକ ସ୍ୱତନ୍ତ୍ର ଭାବରେ ପୁରସ୍କୃତ କରିବାକୁ ଚାହେଁ । ମି: ରବର୍ଟ । ଆପଣ ବାହାରକୁ ବାହାରି ଆସି ପାରନ୍ତି ।

ହଠାତ୍ ସାରା କକ୍ଷ ଉଜ୍ଜଳ ଆଲୋକରେ ଭରିଗଲା । ଚମକି ଉଠିଲା କୋବ୍ରା କିଙ୍ଗ୍ । ଚମକି ଉଠିଲେ ଅନ୍ୟାନ୍ୟ ସଦସ୍ୟ ମାନେ ।

କୋବ୍ରା କିଙ୍ଗ୍‌ର ପଛ ପାଖରେ ଥିବା ଗୁପ୍ତ ଦରଜା ହଠାତ୍ ଖୋଲିଗଲେ । ତା ଭିତରୁ ବାହାରି ଆସିଲା କୁଖ୍ୟାତ ସ୍ମଗଲର ରବର୍ଟ । ଦୁଇ ହାତରେ ଦୁଇଟା ଗୁଳିଭରା ରିଭଲଭର ।

ରବର୍ଟ ଗର୍ଜି ଉଠିଲା—ଏଇତ କୋବ୍ରା କଙ୍ଗ୍ ! ରବର୍ଟ ତୁମ ଆଗରେ । ଆରେ ନା, ନା, ଯଦି କୌଣସି ପ୍ରକାରର ଛଳକ ଖେଳିବାର ଚେଷ୍ଟା କର ତାହେଲେ ମୋର ଏଇ ରିଭଲଭରରୁ ଅଗ୍ନି ଗୋଲକ ଛୁଟିଯାଇ ତୁମ ବକ୍ଷରେ ବିଦ୍ଧ ହେବ ।

କୋବ୍ରା କଙ୍ଗ୍ ର ମୁଖ ମଣ୍ଡଳରେ ବିସ୍ମୟ ଭାବ ଫୁଟି ଉଠିଲା ।

ଦସ୍ୟୁ ଦଳ ଚଞ୍ଚଳ ହୋଇ ଉଠିଲେ । ଲୁକାଛପିବା ଉଦ୍ଦେଶ୍ୟରେ ସେମାନେ ଛୁଟିଗଲେ ମୁଖ୍ୟ ଦରଜା ଆଡ଼କୁ । କିନ୍ତୁ ସମସ୍ତଙ୍କର ଗୋଡ ଥମିଗଲା । ଦେଖାଗଲା ଦରଜା ମୁହଁରେ ଉଦ୍ୟତ ରିଭଲଭର୍ ହସ୍ତରେ ଠିଆ ହୋଇଛନ୍ତି ବିଜୟ ବାବୁ, ମିଃ ଜନ୍ ଏବଂ ପୋଲିସ ବାହିନୀ । ଅଳ୍ପକ୍ଷଣ ମଧ୍ୟରେ କୋବ୍ରା କଙ୍ଗ୍ ସହ ଦସ୍ୟୁଦଳ ବନ୍ଦୀ ହେଲେ ।

ବିଜୟ ବାବୁ ଗିରଫ କରିବାକୁ ଆଦେଶ ଦେଲେ ପୋଲିସ ବାହିନୀକୁ । କିନ୍ତୁ ରବର୍ଟ ମୃଦୁହସି ଗମ୍ଭୀର କଣ୍ଠରେ କହିଲା— ବୃଥା ଚେଷ୍ଟା ବିଜୟ ବାବୁ । ଅସଲି ଫୁଟେଲର୍ ରବର୍ଟ ବର୍ତ୍ତମାନ ଲାଲବାଗ ପୋଲିସ ଷ୍ଟେସନରେ ପହଞ୍ଚି ସାରିଛି । ଏଇ କୋବ୍ରା କଙ୍ଗ୍ କିଏ ଜାଣନ୍ତି ? ଆମମାନଙ୍କର ପୂଜ୍ୟ ବୈଜ୍ଞାନିକ ପ୍ରଫେସର ରାମଶଙ୍କର ଦାସ !

ବିସ୍ମୟ ପରେ ବିସ୍ମୟ

କାହାରି ମୁହଁରେ କଥା ନାହିଁ । ହଠାତ୍ ବିଜୟ ବାବୁ ପ୍ରଶ୍ନ କଲେ—ତାହେଲେ ଆପଣ କିଏ ?

ରବର୍ଟ ହସିଲା—ମୁଁ କିଏ ଜାଣିବାକୁ ଚାହାନ୍ତି ? ତ ହେଲେ ଶୁଣନ୍ତୁ ମୁଁ ଆପଣଙ୍କର ସେଇ ପରିଚିତ ଦସ୍ୟୁ ରଂଜନ । ଆଉ

ଆପଣମାନଙ୍କର ସେଇ ମି: ଜନ୍ ହେଉଛି ଦସ୍ୟୁ ରତନ । ହାଃ ହାଃ—

ସମସ୍ତେ ସେପରି ଅଦ୍ଭୁତରେ ହତବାକ ହୋଇଗଲେ । ପୋଲିସ ବାହିନୀ ଛୁଟି ଆସିଲେ ଦସ୍ୟୁ ରତନକୁ ଗ୍ରେପ୍ତାର କରିବା ପାଇଁ । କିନ୍ତୁ ତା ଆଗରୁ ସାରା କୋଠରୀ ଗାଢ଼ କଳା ଧୂଆଁରେ ପୂର୍ଣ୍ଣ ହେଲା । ଧୂଆଁ ପରିଷ୍କାର ହେଲା ପ୍ରାୟ ପାଞ୍ଚ ମିନଟ୍ ପରେ । ତାପରେ ଦେଖାଗଲା ହଲ୍ ମଧ୍ୟରୁ ଦସ୍ୟୁ ରଂଜନ ଏବଂ ରତନ ଅଦୃଶ୍ୟ ହୋଇଛନ୍ତି ।

ଜୟନ୍ତ ବାବୁଙ୍କ ମୁହଁରୁ ବାହାରିଲା—ଆଶ୍ଚର୍ଯ୍ୟ ଏଇ ଦସ୍ୟୁ ରଂଜନ ଏବଂ ରତନ ।

Digitalization by :-
Deb’s Library Corner…
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact-9556804309
e-mail-debaraj.123456789@gmail.com
Telegram link :- https://t.me/debslibrarycorner

ପରବର୍ତ୍ତୀ ଆକର୍ଷଣ

ରଞ୍ଜନର ପ୍ରତିଦ୍ୱନ୍ଦୀ

Dasyu Ranjan Series Rs. 2-00

୧। ଦସ୍ୟୁ ସମ୍ରାଟ ରଞ୍ଜନ
୨। ରଞ୍ଜନ ଓ ମୃତ୍ୟୁଦୂତ
୩। ରଞ୍ଜନର ପ୍ରତିଜ୍ଞା
୪। ମୃତ୍ୟୁ ପାଖରେ ରଞ୍ଜନ
୫। [illegible] ରଞ୍ଜନ
୬। ରଞ୍ଜନର ପୁନର୍ଜନ୍ମ
୭। ରଞ୍ଜନ ଓ ଜଳଦସ୍ୟୁ
୮। ଚୀନ ଦସ୍ୟୁମାନଙ୍କରେ ରଞ୍ଜନ
୯। ଛଦ୍ମବେଶୀ ରଞ୍ଜନ
୧୦। ରଞ୍ଜନର ଗୁପ୍ତଚରୀ
୧୧। ରଞ୍ଜନର ଅସ୍ତ୍ରାଗାର
୧୨। ଦେବଦୂତ ରଞ୍ଜନ
୧୩। ଜଙ୍ଗଲ ଦସ୍ୟୁମାନଙ୍କରେ ରଞ୍ଜନ
୧୪। [illegible] ରଞ୍ଜନ
୧୫। ରଞ୍ଜନଙ୍କ ଶକ୍ତି ପରୀକ୍ଷା
୧୬। ବାଲେଶ୍ୱରରେ ରଞ୍ଜନ
୧୭। ସୀମାନ୍ତ ପଥେ ରଞ୍ଜନ
୧୮। ରଞ୍ଜନ ଓ [illegible]
୧୯। ରଞ୍ଜନ ଓ ଦସ୍ୟୁ ଦଳ
୨୦। ରଞ୍ଜନ ଓ ଡାକୁ [illegible]
୨୧। ଭୂଗର୍ଭେ ରଞ୍ଜନ
୨୨। ଅମୃତ ପଥେ ରଞ୍ଜନ
୨୩। ରଞ୍ଜନ ଓ ଅଜଗର
୨୪। ରଞ୍ଜନର ଭୁଲ
୨୫। ଦ୍ୱୀପର ଗୁହାରେ ରଞ୍ଜନ
୨୬। ସୁନ୍ଦରବନରେ ରଞ୍ଜନ
୨୭। [illegible]
୨୮। ସ୍ୱର୍ଣ୍ଣ ଉପତ୍ୟକାରେ ରଞ୍ଜନ
୨୯। ରଞ୍ଜନ ଓ ମୃତ୍ୟୁ ଗହ୍ୱର
୩୦। ସୁଦୂର ଦେଶରେ ରଞ୍ଜନ
୩୧। ସାହାରା ପଥେ ରଞ୍ଜନ
୩୨। [illegible] ରଞ୍ଜନ
୩୩। ଡାକୁ-ରାଣୀ ରଞ୍ଜନ
୩୪। ଲାଲୀ ମହଲରେ ରଞ୍ଜନ
୩୫। ରଞ୍ଜନର ମୃତ୍ୟୁ ଅଭିଯାନ
୩୬। ଭୀଷଣ ରଞ୍ଜନ
୩୭। ଜାପାନ ପଥେ ରଞ୍ଜନ
୩୮। ମଙ୍ଗୋଲିଆରେ ରଞ୍ଜନ
୩୯। ଦସ୍ୟୁ ସମ୍ରାଟ ରଞ୍ଜନ
୪୦। [illegible] ରଞ୍ଜନ

ଏହି ସିରିଜର [illegible] କାହାଣୀ ପଢ଼ିବାକୁ ହେଲେ ଏହି ବହିଗୁଡ଼ିକ ପଢ଼ନ୍ତୁ।

ପ୍ରତି ଖଣ୍ଡର ମୂଲ୍ୟ ଦୁଇ ଟଙ୍କା ମାତ୍ର

ଲେଖନ୍ତୁ :

ମୁକ୍ତା ପ୍ରକାଶନ
[illegible]